

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:154✦28 September 2026 (Monday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୫୪✦୨୮ ସେପ୍ଟେମ୍ବର ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ତେଲ ସଙ୍କଟ : ହର୍ମୁଜ୍ ପ୍ରଣାଳୀ ବନ୍ଦ, ସାଉଦି ଯୋଗାଣ ବନ୍ଦ



ନୂଆଦିଲ୍ଲୀ,୨୭/୯: ପଶ୍ଚିମ ଏସିଆରେ ସାତ ମାସ ଧରି ଚାଲିଥିବା ଯୁଦ୍ଧ ଏବେ ବିଶ୍ୱର ସର୍ବବୃହତ ତୈଳ ରପ୍ତାନିକାରୀ ସାଉଦି ଆରବକୁ ଘେରି ରହିଛି, ଯାହା ବିଶ୍ୱ ତୈଳ ଯୋଗାଣ ଉପରେ ଚାପ ବୃଦ୍ଧି କରୁଛି। ଫେବ୍ରୁଆରି ୨୮ ତାରିଖରୁ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଯାଇଛି, ଯେତେବେଳେ ସେପ୍ଟେମ୍ବର ୧୦ ତାରିଖରେ ପୂର୍ବ-ପଶ୍ଚିମ ପାଇପଲାଇନ ଉପରେ ଡ୍ରୋନ୍ ଆକ୍ରମଣ ପରେ ସାଉଦି ଆରବର ଅଶୋଧିତ ତୈଳ ରପ୍ତାନି ପାଇଁ ପଶ୍ଚିମ ପଥ ମଧ୍ୟ ବନ୍ଦ ହୋଇଯାଇଛି। ଏହି ବାଧା ଯୋଗୁଁ ବ୍ରେଟ୍ଂ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୯.୪ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲିଣ୍ଡସେ ଓ. ଗ୍ରାହାମଙ୍କ ଦ୍ୱାରା ରୁଷ ଏବଂ ଇରାନକୁ ପ୍ରତିବନ୍ଧକ ଆଇନରେ ସ୍ୱାକ୍ଷର କରିବା ପରେ ଯୋଗାଣ ବାଧା ଆହୁରି ଖରାପ ହୋଇପାରେ। ଟ୍ରମ୍ପ ଜାତିସଂଘରେ କହିଥିଲେ ଯେ, ଆମେରିକା କଂଗ୍ରେସ ନିର୍ବାଚନ ପରେ ଇରାନ ପାଖରେ ଧ୍ୱଂସ ହେବା ଆବା ଏକ ଚୁକ୍ତି କରିବାର ବିକଳ୍ପ ଅଛି। ଏହାପରେ ଇରାନ ସୂଚାଇ ଦେଇଥିଲା ଯେ, ଚୁକ୍ତି କରିବାକୁ ଚାହୁଁଛି। ମାତ୍ର ଟ୍ରମ୍ପ ପ୍ରତ୍ୟାଖାନ କରିଥିଲେ। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପୂର୍ବରୁ, ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ଏହି ରାସ୍ତା ଦେଇ ହେଉଥିଲା। ଏଥିରେ ପ୍ରତିଦିନ ପ୍ରାୟ ୧୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଏବଂ ୫ ନିୟୁତ ବ୍ୟାରେଲ ପେଟ୍ରୋଲିୟମ ଉତ୍ପାଦ ଅନ୍ତର୍ଭୁକ୍ତ ଥିଲା। ହର୍ମୁଜ୍ ପ୍ରଣାଳୀକୁ ଆଂଶିକ ଭାବରେ ବାଇପାସ୍ କରି ସାଉଦି ଆରବ ପୂର୍ବ-ପଶ୍ଚିମ ପାଇପଲାଇନ୍ ମାଧ୍ୟମରେ ପ୍ରତିଦିନ ପ୍ରାୟ ୪ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରୁଥିଲା। ଏହି ସମୟରେ, ୟୁଏଇ ହାବଶାନ୍-ଫୁଜୈରାହ ପାଇପଲାଇନ୍ ମାଧ୍ୟମରେ ପ୍ରତିଦିନ ପ୍ରାୟ ୧.୫ ନିୟୁତ ବ୍ୟାରେଲ ତୈଳ ପଠାଉଥିଲା। ଉଭୟ ଦେଶ ହର୍ମୁଜରୁ ତୈଳ ପରିବହନ ପାଇଁ ସଟଲ୍ ସେବା ବ୍ୟବହାର କରୁଥିଲେ, ଯେଉଁଠାରେ ଏହାକୁ ଅଧିକ ପରିବହନ ପାଇଁ ଅନ୍ୟ ଜାହାଜକୁ ସ୍ଥାନାନ୍ତର କରାଯାଇପାରିବ। ପୂର୍ବ-ପଶ୍ଚିମ ପାଇପଲାଇନ୍ ବନ୍ଦ ହେବା ଦ୍ୱାରା ପ୍ରତିଦିନ ଅତି କମରେ ୧୩-୧୪ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ରୁଷ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୩.୫ ନିୟୁତ ବ୍ୟାରେଲ ରପ୍ତାନି କରୁଛି। ଯଦି ଗ୍ରାହାମ ଆଇନ କାର୍ଯ୍ୟକାରୀ ହୁଏ ଏବଂ ଲକ୍ଷ୍ୟଭୁକ୍ତ ଦେଶଗୁଡ଼ିକ ପାଳନ କରନ୍ତି, ତେବେ ବିଶ୍ୱ ତୈଳ ଯୋଗାଣରେ ବାଧା ବୃଦ୍ଧି ପାଇ ପ୍ରତିଦିନ ୧୬-୧୭ ନିୟୁତ ବ୍ୟାରେଲ ହୋଇପାରେ। ଏହି ଅଭାବକୁ ଦୂର କରିବାର ଅନ୍ୟ କୌଣସି ଉପାୟ ନାହିଁ।


## ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ଇରାନର ଅସ୍ତ୍ରବିରତି ପ୍ରସ୍ତାବକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ



ୱାଶିଂଟନ,୨୭/୯: ପଶ୍ଚିମ ଏସିଆରେ ଉତ୍ତେଜନା ପୁନର୍ବାର ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ଇରାନର ସାତଦିନିଆ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯଦି ଆମେରିକାର ସର୍ତ୍ତଗୁଡ଼ିକୁ ଗ୍ରହଣ କରେ, ତେବେ ସେ ସାତ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଇରାନ ପ୍ରସ୍ତାବ ଦେଇଥିଲା। ଆମେରିକାର ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ରିପୋର୍ଟରେ ଦାବି କରାଯାଇଛି ଯେ ଟ୍ରମ୍ପ ତାଙ୍କ ପରାମର୍ଶଦାତା ଏବଂ ନିକଟତମ ସହଯୋଗୀମାନଙ୍କୁ କହିଛନ୍ତି ଯେ ନଭେମ୍ବରରେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ବିରୋଧରେ ପୁଣି ଥରେ ବୋମା ମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଟ୍ରମ୍ପ ଜାତିସଂଘ ସାଧାରଣ ପରିଷଦରେ ଇରାନର ଭବିଷ୍ୟତ ସମ୍ପର୍କରେ କହିଥିଲେ ଯେ ତାଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ, ଆଲୋଚନା ମାଧ୍ୟମରେ ଇରାନକୁ ପୁଣି ଥରେ ଶକ୍ତିଶାଳୀ ହେବାର ସୁଯୋଗ ଦିଆଯିବ ନା ଇସଲାମିକ ଗଣରାଜ୍ୟ ଉପରେ ବଡ଼ ଧରଣର ଆକ୍ରମଣ କରି ଏହାକୁ ଧ୍ୱଂସ କରାଯିବ। ନିର୍ବାଚନ ସମାପ୍ତ ହେବା ପରେ ଏକ ନୂତନ ଚୁକ୍ତି ହେବାର ସମ୍ଭାବନା ଅଧିକ।ସୂଚନାଥାଉ କି ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘଚି ଘୋଷଣା କରିଥିଲେ ଯେ ସେ ପଶ୍ଚିମ ଏସିଆରେ ଶାନ୍ତି ଫେରାଇ ଆଣିବା ପାଇଁ ମଧ୍ୟସ୍ଥତା ମାଧ୍ୟମରେ ଆମେରିକା ନିକଟକୁ ଏକ ସାତ ଦିନିଆ ଯୁଦ୍ଧ ବିରତି ଯୋଜନା ନେଇ ଏକ ଡ୍ରାଫ୍ଟ ପଠାଇଛନ୍ତି। ଏହି ଯୋଜନାରେ ଉଲ୍ଲେଖିତ ସର୍ତ୍ତାବଳୀ କାର୍ଯ୍ୟକାରୀ ହେବା ପରେ ସପ୍ତମ ଦିନରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଜାହାଜ ଚଳାଚଳ ପାଇଁ ଖୋଲାଯିବ ଏବଂ ଦୁଇ ଦେଶ ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପୁଣି ଆରମ୍ଭ ହେବ। ଆରାଘଚିଙ୍କ ଅନୁଯାୟୀ, ଏହି ଡ୍ରାଫ୍ଟ ଜୁନ୍ ମାସରେ ହୋଇଥିବା ଚୁକ୍ତି ଉପରେ ଆଧାରିତ ଥିଲା। ଜର୍ମାନ ବୈଦେଶିକ ମନ୍ତ୍ରୀ ଜୋହାନ ୱାଡେଫୁଲଙ୍କ ସହ ତାଙ୍କର ସାକ୍ଷାତ ସମୟରେ ଇରାନ ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ, ତେହେରାନ କୂଟନୀତି ପାଇଁ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ସର୍ତ୍ତାବଳୀ ରଖିଛି। ସେ ଜୋର ଦେଇ କହିଥିଲେ ଯେ ପଶ୍ଚିମ ଏସିଆରେ ସୁରକ୍ଷା କେବଳ ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେରିକା ଆକ୍ରମଣାତ୍ମକ ଏବଂ ହସ୍ତକ୍ଷେପକାରୀ ନୀତି ବନ୍ଦ କରିବ। ଆରାଘଚି ଅଭିଯୋଗ କରିଥିଲେ, କୂଟନୈତିକ ଆଲୋଚନା ଚାଲିଥିବା ବେଳେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କରିଥିଲେ। ଏଥିସହ ଇରାନ ବିରୋଧରେ ସାମୁଦ୍ରିକ ବାଣିଜ୍ୟ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ଆଣିଥିଲେ।

# ଜାତିସଂଘ ମହାସଭାରେ ପାକିସ୍ତାନକୁ ଜୟଶଙ୍କରଙ୍କ ଜବାବ:




## ଆତ୍ମରକ୍ଷା ପାଇଁ ସବୁ ଅଧିକାର ପ୍ରୟୋଗ କରିବୁ

ନ୍ୟୁୟର୍କ,୨୭/୯: ଜାତିସଂଘ ମହାସଭା (ୟୁଏନଜିଏ)ର ୮୧ତମ ଅଧିବେଶନକୁ ସମ୍ବୋଧିତ କରି ଆଜି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୀମାପାର ଆତଙ୍କବାଦ ଏବଂ ଏହାର ପୃଷ୍ଠପୋଷକତା କରୁଥିବା ରାଷ୍ଟ୍ରଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। ନିଜ ବକ୍ତବ୍ୟରେ ସେ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦର କ୍ରମାଗତ ଅଭ୍ୟାସକାରୀ କୌଣସି ବି ପରିସ୍ଥିତିରେ ଏହାର ପରିଣାମରୁ ଆରକ୍ଷଣ ପାଇପାରିବେ ନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଥିବା, ଆର୍ଥିକ ସହାୟତା ଯୋଗାଉଥିବା ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀ ପ୍ରଦାନ କରୁଥିବା ସରକାରଗୁଡ଼ିକୁ ସମ୍ପୂର୍ଣ୍ଣ ଦାୟୀ କରାଯିବା ନିହାତି ଆବଶ୍ୟକ। ଆତଙ୍କବାଦ ବିରୋଧୀ ବିଶ୍ୱବ୍ୟାପୀ ସଂଗ୍ରାମରେ କୌଣସି ପ୍ରକାର କୋହଳ ମନୋଭାବ ଗ୍ରହଣ କରାଯିବ ନାହିଁ। ଶୁକ୍ରବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଦେଇଥିବା ବକ୍ତବ୍ୟକୁ କଡ଼ା ସମାଲୋଚନା କରି ଜୟଶଙ୍କର କହିଛନ୍ତି ଯେ ଜଣେ କ୍ରମାଗତ ଆତଙ୍କବାଦୀ ଅଭ୍ୟାସକାରୀ ଏହି ଗୃହରେ ମିଥ୍ୟା ତଥ୍ୟ ରଖି ଆତଙ୍କବାଦକୁ ସ୍ୱାଭାବିକ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ଏଭଳି ଯୁକ୍ତି କଦାପି ଗ୍ରହଣୀୟ ନୁହେଁ। ନିଜର ଆତ୍ମରକ୍ଷା କରିବାର ସାର୍ବଭୌମ ଅଧିକାର ଭାରତ ପାଖରେ ରହିଛି ଏବଂ ଏହାର ସମ୍ପୂର୍ଣ୍ଣ ପ୍ରୟୋଗ କରାଯିବ। ୨୦୨୫ ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଭୟାନକ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇବା ପରେ ଭାରତ 'ଅପରେସନ୍ ସିନ୍ଦୂର' ଜରିଆରେ ପାକିସ୍ତାନ ଓ ପାକ୍-ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରି ନିଜର ଆତ୍ମରକ୍ଷା ଅଧିକାର ଜାହିର କରିଥିଲା। ଆତଙ୍କବାଦ ଏବଂ ବନ୍ଧୁତା କେବେହେଲେ ଏକାଠି ଚାଲିପାରିବ ନାହିଁ ବୋଲି ସ୍ପଷ୍ଟ କରି ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଆତଙ୍କବାଦକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଏ, ସେତେବେଳେ ସମ୍ପର୍କ ଏବଂ ସୌହାର୍ଦ୍ଦ୍ୟ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଆତଙ୍କବାଦର ପ୍ରସାରକାରୀମାନେ ନିଜର ଆଚରଣ ଓ ନୀତିରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ଜାତିସଂଘରେ ଭାରତର ପ୍ରାଥମିକତା ଆତଙ୍କବାଦୀ ନେଟୱର୍କର ଆର୍ଥିକ କାରବାରକୁ ରୋକିବା, ଆତଙ୍କବାଦୀଙ୍କ ଯାତାୟାତ ନିଷେଧ କରିବା ଏବଂ ଏହାର ପ୍ରାୟୋଜକମାନଙ୍କୁ କଠୋର ଆଇନଗତ କାଠଗଡ଼ାରେ ଛିଡ଼ା କରିବା ଉପରେ କେନ୍ଦ୍ରୀଭୂତ ରହିଛି।

# ଛତିଶଗଡ଼ରେ ପ୍ରବଳ ବର୍ଷା, ମହାନଦୀରେ ଆସୁଛି ବନ୍ୟା



## ବୁଡ଼ିବ କଟକ, ଖୋର୍ଦ୍ଧା, ପୁରୀ ଏବଂ କେନ୍ଦ୍ରାପଡ଼ାର ତଳିଆ ଅଂଚଳ !

ଭୁବନେଶ୍ୱର,୨୭/୯(ନି/ପ୍ର): ଅବପାତ ଜନିତ ବର୍ଷା ଏବଂ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଫଳରେ ମହାନଦୀରେ ପୁଣି ଏକ ଛୋଟ ବନ୍ୟା ଆସୁଥିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି । ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବର୍ତ୍ତମାନ ୬୨୮.୧୯ ଫୁଟ୍ ରହିଥିବା ବେଳେ ବନ୍ୟା ଜଳ ନିଷ୍କାସନ ପାଇଁ ୨୪ଟି ଗେଟ୍ ଖୋଲା ରଖାଯାଇଛି । ଆବଶ୍ୟକ ପଡ଼ିଲେ ଆସନ୍ତାକାଲିଆଉ କିଛି ଗେଟ୍ ଖୋଲାଯାଇପାରେ । ଆଜିମଧ୍ୟରାତ୍ରିରୁ ଆସନ୍ତାକାଲି ସକାଳ ୯ଟା ମଧ୍ୟରେ ମୁଣ୍ଡଳୀଠାରେ ପ୍ରାୟ ୭ରୁ ୮ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବାର ଆକଳନ କରାଯାଉଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ଏହି ବନ୍ୟା ଯୋଗୁଁ କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହେବ। ବିଶେଷ କରି ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା, ଗୋପ, ଏରସମା, ବାଲିକୁଦା ଓ ପାଟକୁରା ଭଳି ନିର୍ଦ୍ଦିଷ୍ଟ ଅଂଚଳଗୁଡ଼ିକରେ ଆସନ୍ତା ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଜଳବନ୍ଦୀ ସ୍ଥିତି ଉପୁଜିପାରେ।

# ପାର୍ବଣରେ ବର୍ଷା ବିପଦ !

## ଦକ୍ଷିଣ ମିଆଁମାର ଉପକୂଳରେ ଲଘୁଚାପ ସକ୍ରିୟ, ବଙ୍ଗୋପସାଗର ଆଡ଼କୁ ମୁହାଁଇପାରେ

ଭୁବନେଶ୍ୱର, ୨୭/୯(ନି/ପ୍ର): ପାର୍ବଣ ଋତୁ ଆରମ୍ଭ ହେଉଥିବା ବେଳେ ପୁଣି ଲଘୁଚାପ ଭୟ ବଢ଼ିଛି। ଦକ୍ଷିଣ ମିଆଁମାର ଉପକୂଳ ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଥାଇଲାଣ୍ଡ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏହି ଲଘୁଚାପ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଘୂର୍ଣ୍ଣିବଳୟଟି ବାୟୁମଣ୍ଡଳର ପ୍ରାୟ ୯.୪ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ଲଘୁଚାପ କ୍ଷେତ୍ରଟି ଆଣ୍ଡାମାନ ଓ ମିଆଁମାର ସଂଲଗ୍ନ ଇରାୱାଡି ଅଂଚଳ ଆଡ଼କୁ ପ୍ରବେଶ କରିବା ପରେ ଏହାର ଗତିପଥରେ ପରିବର୍ତ୍ତନ ଆସିପାରେ। ପରବର୍ତ୍ତୀ ସମୟରେ ଏହା ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଅଂଚଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ତେବେ ଆଗକୁ ଅବପାତ କିମ୍ବା ଗଭୀର ଅବପାତ ରୂପ ନେଇପାରେ ବୋଲି ଆକଳନ କରାଯାଉଛି। ନିକଟରେ ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ଓ ପାଣିପାଗଜନିତ ସମସ୍ୟା ଦେଖାଦେଇଥିଲା। ଏହା ପରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ପାର୍ବଣ ସମୟର ପାଣିପାଗକୁ ନେଇ ଚିନ୍ତା ବଢ଼ିଛି। ତେବେ ଲଘୁଚାପର ତୀବ୍ରତା, ଗତିପଥ ଓ ଏହାର ପ୍ରଭାବ ସମ୍ପର୍କରେ ଅଧିକ ସ୍ପଷ୍ଟ ଚିତ୍ର ପରବର୍ତ୍ତୀ ପାଣିପାଗ ଆକଳନ ପରେ ଜଣାପଡ଼ିବ।



# ଆଜି ସୁନା ମୁଦି ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ବିଜୟ



ମଦୁରାଇ,୨୭/୯: ତାମିଲନାଡୁରେ ସରକାରୀ ଡାକ୍ତରଖାନାରେ ଜନ୍ମ ନେଉଥିବା ନବଜାତ ଶିଶୁଙ୍କ ପାଇଁ ଆରମ୍ଭ ହେବ ଏକ ନୂଆ ଯୋଜନା। 'ଥାଇ ମାମନ୍ ଗୋଲ୍ଡ ରିଙ୍ଗ୍' (ମାମୁଁଘର ସୁନା ମୁଦି ଯୋଜନା) ନାମରେ ଏହି ଯୋଜନାକୁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଶୁଭାରମ୍ଭ କରିବେ। ମଦୁରାଇର ସରକାରୀ ରାଜାଜୀ ହସ୍ପିଟାଲରେ ଏହାର ଶୁଭାରମ୍ଭ ହେବ ବୋଲି ସୂଚନା ରହିଛି। ଯୋଜନାର ଶୁଭାରମ୍ଭକୁ ଦୃଷ୍ଟିରେ ରଖି ରାଜାଜୀ ହସ୍ପିଟାଲ ପରିସର ସମେତ ମଦୁରାଇର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଭିଡ଼ ପରିଚାଳନା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପରେ ବିଜୟଙ୍କର ଏହା ପ୍ରଥମ ମଦୁରାଇ ଗସ୍ତ ବୋଲି ଦିଆଯାଇଥିବା ତଥ୍ୟରେ କୁହାଯାଇଛି। ଗସ୍ତ ସମୟରେ ସେ ରାଜାଜୀ ହସ୍ପିଟାଲରେ ଗୋଲ୍ଡ ରିଙ୍ଗ୍ ଯୋଜନାର ଶୁଭାରମ୍ଭ କରିବା ସହ ନବୀକରଣ ହୋଇଥିବା ଗାନ୍ଧୀ ସଂଗ୍ରହାଳୟର ଉଦ୍‌ଘାଟନ କରିବେ ବୋଲି କାର୍ଯ୍ୟକ୍ରମ ରହିଛି।ସୂଚନା ଅନୁସାରେ, ସୋମବାର ଦ୍ୱିପ୍ରହର ପ୍ରାୟ ୧୨ଟା ୩୦ରେ ରାଜାଜୀ ହସ୍ପିଟାଲରେ ଗୋଲ୍ଡ ରିଙ୍ଗ୍ ଯୋଜନାର ଶୁଭାରମ୍ଭ ହେବ। ପୂର୍ବରୁ ଏହି କାର୍ଯ୍ୟକ୍ରମ ଉସିଲମପଟ୍ଟିରେ ଆୟୋଜନ କରିବାକୁ ପ୍ରସ୍ତାବ ଥିଲା। ପରେ ସ୍ଥାନ ପରିବର୍ତ୍ତନ କରି ମଦୁରାଇର ସରକାରୀ ରାଜାଜୀ ହସ୍ପିଟାଲକୁ ଚୟନ କରାଯାଇଛି। ବିଜୟଙ୍କ ଗସ୍ତକୁ ନେଇ ମଦୁରାଇ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର ଯାଂଚ ଚାଲିଛି। ବିମାନବନ୍ଦରରୁ ରାଜାଜୀ ହସ୍ପିଟାଲ, ଗାନ୍ଧୀ ସଂଗ୍ରହାଳୟ ଓ ମୀନାକ୍ଷୀ ଅମ୍ମନ୍ ମନ୍ଦିର ଆଖପାଖ ଅଂଚଳରେ ଯାତାୟତ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ କରାଯିବାର ଯୋଜନା ରହିଛି। ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଭିଡ଼ ପରିଚାଳନା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି।

# ଆମ ଅନୁମତି ବିନା ଏସ୍-୪୦୦ ପ୍ରତିରକ୍ଷା ପ୍ରଣାଳୀ କାହାକୁ ଦେଇ ପାରିବନି ତୁର୍କୀ



ମସ୍କୋ/ଅଙ୍କାରା,୨୭/୯: ରୁଷର ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ କହିଛନ୍ତି ଯେ, ଆମ ଅନୁମତି ବିନା ତୁର୍କୀ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଦେଶ ସୀମା ବାହାରକୁ ନେଇପାରିବ ନାହିଁ। ସେ ସ୍ପଷ୍ଟ ଭାବରେ କହିଛନ୍ତି, ତୁର୍କୀ ଆମର ସର୍ତ୍ତାବଳୀ ସହିତ ଆବଦ୍ଧ ଏବଂ ଏହା ତାଙ୍କର ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ ସରକାର ଭଲ ଭାବେ ଜାଣିଛନ୍ତି। ତୁର୍କୀ ଭଲ ଭାବରେ ଜାଣିଛି ଯେ, ଏସ୍-୪୦୦ ପ୍ରଣାଳୀ ଏକ ଚୁକ୍ତିନାମା ଅଧୀନରେ ପ୍ରଦାନ କରାଯାଇଥିଲା। ଯଦି ସେମାନେ କେବେ ଏହି ପ୍ରଣାଳୀଗୁଡ଼ିକୁ ସେମାନଙ୍କ ଦେଶ ସୀମା ବାହାରକୁ ନେବାକୁ ଚାହିଁବେ ତେବେ ଆମର ସରକାରୀ ଅନୁମୋଦନ ବିନା ଏହା କରିପାରିବେ ନାହିଁ। ପ୍ରଥମ ଥର ପାଇଁ, ରୁଷ ତୁର୍କୀକୁ ସ୍ପଷ୍ଟ ଭାବରେ କହିଛି, ସ୍ୱେଚ୍ଛାକୃତ ଭାବରେ ଅନ୍ୟ କୌଣସି ଦେଶକୁ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ବିକ୍ରୟ କରିପାରିବେ ନାହିଁ। ତୁର୍କୀ ଆମେରିକାରୁ ଏଫ୍-୩୫ ଗୁପ୍ତ ଯୁଦ୍ଧ ବିମାନ କିଣିବାକୁ ଆଗ୍ରହୀ। ତେବେ ତୁର୍କୀ ପାଖରେ ରୁଷର ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଥିବାରୁ ଆମେରିକା ଏଫ୍-୩୫ ବିକ୍ରୟ କରିବାକୁ ମନା କରିଦେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୁର୍କୀକୁ ଦେଶରୁ ଏସ୍-୪୦୦ ହଟାଇଲେ ଏଫ୍-୩୫ ବିକ୍ରୟ କରିବା ଉପରେ ବିଚାର କରିବାର ବିକଳ୍ପ ପ୍ରଦାନ କରିଛନ୍ତି। ଏସ୍-୪୦୦ ଚୁକ୍ତିର ଶେଷ-ବ୍ୟବହାରକାରୀ ପ୍ରମାଣପତ୍ର ବା ଏଣ୍ଡ-ୟୁଜର୍ ସାର୍ଟିଫିକେଟ୍ (ଇୟୁସି) ଆନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ବାଣିଜ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଦଲିଲ୍। ଯେତେବେଳେ କୌଣସି ଦେଶ ଅନ୍ୟ କୌଣସି ଦେଶକୁ ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ପ୍ରଣାଳୀ କିମ୍ବା ସାମରିକ ଉପକରଣ ବିକ୍ରି କରେ, କ୍ରୟ କରୁଥିବା ଦେଶକୁ ଏହି ପ୍ରମାଣପତ୍ରରେ ସ୍ୱାକ୍ଷର କରିବାକୁ ପଡିଥାଏ। ଲିଖିତ ଭାବରେ ଗ୍ୟାରେଟିଂ ଦେବାକୁ ପଡିବ ଯେ, କିଣୁଥିବା ଦେଶ ସେହି ଅସ୍ତ୍ରଶସ୍ତ୍ରର ଶେଷ ବ୍ୟବହାରକାରୀ। ଏହି ଚୁକ୍ତିନାମାର ସବୁଠାରୁ ବଡ଼ ଏବଂ କଠୋର ସର୍ତ୍ତ ହେଉଛି, କ୍ରୟ କରୁଥିବା ଦେଶ ମୂଳ ବିକ୍ରେତାଙ୍କ ଅନୁମତି ବିନା ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ କୌଣସି ତୃତୀୟ ଦେଶକୁ ବିକ୍ରୟ ଉପହାର କିମ୍ବା ସ୍ଥାନାନ୍ତର କରିପାରିବ ନାହିଁ। ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ ତୁର୍କୀକୁ ଶେଷ-ବ୍ୟବହାରକାରୀ ପ୍ରମାଣପତ୍ର ବିଷୟରେ ମନେ ପକାଇ ଦେଇଛନ୍ତି। କାରଣ ତୁର୍କୀ ଭିନ୍ନ ଭିନ୍ନ ସମୟରେ ୟୁଏଇ, ପାକିସ୍ତାନ ଏବଂ ଏବ ସାଉଦି ଆରବକୁ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ବିକ୍ରୟ କରିବାକୁ ଚେଷ୍ଟା କରୁଥିବାର ଖବର ରହିଛି। ତୁର୍କୀ ୨୦୧୯ ମସିହାରେ ରୁଷଠାରୁ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ କିଣିଥିଲା, ଯାହା ପରେ ଆମେରିକା ଏହାକୁ ଏଫ୍-୩୫ ଚୁକ୍ତିରୁ ବାଦ୍ ଦେଇଥିଲା। ଆମେରିକା ସମେତ ପାଶ୍ଚାତ୍ୟ ଦେଶମାନେ ରୁଷ ସହିତ ଯୁଦ୍ଧ କରୁଥିବା ୟୁକ୍ରେନକୁ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ହସ୍ତାନ୍ତର କରିବାକୁ ତୁର୍କୀ ଉପରେ ବାରମ୍ବାର ଚାପ ପକାଉଛନ୍ତି। ଏହା ବ୍ୟତୀତ ପାଶ୍ଚାତ୍ୟ ଦେଶମାନେ ତୁର୍କୀ ଉପରେ ଚାପ ପକାଉଛନ୍ତି ଯେ, ସରକାର ୟୁକ୍ରେନକୁ ଏସ୍-୪୦୦ଦେବାକୁ ଚାହୁଁନାହାନ୍ତି ତେବେ ଏହାକୁ ଏକ ପାଶ୍ଚାତ୍ୟ ଦେଶକୁ ହସ୍ତାନ୍ତର କରନ୍ତୁ। ଏପରି କରିବା ଦ୍ୱାରା ପାଶ୍ଚାତ୍ୟ ଦେଶମାନେ ଏସ୍-୪୦୦ର ଗୁପ୍ତ ଗଠନ ସଂରଚନା ଜାଣିପାରିବେ। ସମ୍ଭାବ୍ୟ ବିପଦର ଆଶଙ୍କା କରି ରୁଷ ଏବେ ତୁର୍କୀକୁ ବିକ୍ରି ସର୍ତ୍ତ ମନେପକାଇ ଦେଇ ସରକାରଙ୍କ ହାତବାନ୍ଧି ଦେଇଛନ୍ତି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ସମବାୟ ସଂସ୍ଥାଗୁଡ଼ିକରେ ଆସିବ ସମ୍ପୂର୍ଣ୍ଣ ସ୍ୱଚ୍ଛତା : ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୨୭/୯(ନି/ପ୍ର): ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ମହାଅଭିଯାନ 'ସମୃଦ୍ଧ'ର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ, ବିଭିନ୍ନ ବ୍ଲକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶୁଭଦର୍ଶୀ ଯୋଶୀ ପଂଚାୟତରୁ କୃଷି ଭାଇ ଓ ଭଉଣୀ ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତି ର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଉନ୍ମୋଚନ ସହ ବିଭିନ୍ନ ଭିତିଭୂମି ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା । 'ସମବାୟ ସଂସ୍ଥାଗୁଡ଼ିକର କମ୍ପ୍ୟୁଟରୀକରଣ କେବଳ ଫାଇଲ୍ କାମ ନୁହେଁ, ବରଂ 'ରିଏଲ୍ ଟାଇମ୍ ସେଟଲମେଣ୍ଟ' ଏବଂ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିଗୁଡ଼ିକୁ କୋର ବ୍ୟାଙ୍କିଂ ସହ ଯୋଡ଼ାଯିବ । ଯାହାଦ୍ୱାରା ଅଡିଟ୍ ପ୍ରକ୍ରିୟାକୁ ସୁଦୃଢ଼ କରାଯାଉଛି, ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ଆସିପାରିବ ।'ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ଓ ପ୍ରତ୍ୟେକ ପରିବାରକୁ ସମବାୟ କ୍ଷେତ୍ର ସହ ଯୋଡ଼ିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ଏହି ବ୍ୟାପକ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଚାଲିବ । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ଘରୁ ଅନ୍ତତଃ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସମିତି ସଦସ୍ୟ ଏବଂ 'ସମବାୟ ସାଥି' ଭାବେ ଅନ୍ତର୍ଭୁକ୍ତ କରାଯିବ । ଗ୍ରାମାଚଂଳର ସାଧାରଣ ନାଗରିକ ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ସୂଚନାଯୋଗ୍ୟ ଯେ ୭୦ଟି ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଲୋକାର୍ପଣ ସହ ୪ଟି ମଡେଲ୍ ମଣ୍ଡି ଓ ୩ଟି ଗୋଦାମ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ୧୮୫ଟି ଧାନ କ୍ରୟ କେନ୍ଦ୍ରରେ ଆବଶ୍ୟକ ସୁବିଧା ସହ ୨୫୦ଟି ପ୍ରାଥମିକ କୃଷି ସମବାୟ ସମିତିରେ ଜନସେବା କେନ୍ଦ୍ର ଏବଂ ୨୧ଟି ପ୍ରାଥମିକ କୃଷି ସମବାୟ ସମିତିରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି । ସୁଦୃଢ଼ ସମବାୟ ବ୍ୟବସ୍ଥା ସହ କୃଷକଙ୍କ ସୁବିଧା, ସେବା ଓ ଆୟ ବୃଦ୍ଧିକୁ ଗୁରୁତ୍ୱ ଦେଇ ଆଗକୁ ବଢୁଛି ଓଡ଼ିଶା ।ଏହାସହ ରୂପାନ୍ତରିତ ମଣ୍ଡି, ଆଦର୍ଶ ମଣ୍ଡିର ଭିତ୍ତିପ୍ରସ୍ତର, ଶସ୍ୟ ଗୋଦାମ ଓ କଷ୍ଟମ୍ ହାୟାରିଂ ସେଣ୍ଟର ଭଳି ବ୍ୟାପକ ଭିତ୍ତିଭୂମିର ଲୋକାର୍ପଣ ସହିତ ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଚାଷୀଭାଇମାନଙ୍କ ସ୍ୱାର୍ଥରକ୍ଷା ଓ ଆୟ ବୃଦ୍ଧି ପାଇଁ ଆଖୁ ଚାଷୀଙ୍କ ନିମନ୍ତେ ଏକ ନୂତନ 'ଇନପୁଟ୍ ସବସିଡି ପ୍ରୋତ୍ସାହନ ଯୋଜନା'ର ଶୁଭାରମ୍ଭ ହେବା ସହ ନବନିଯୁକ୍ତ ସମବାୟ ନିରୀକ୍ଷକ ତଥା ପଣ୍ୟାଗାର କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି ।'ସହକାର୍ ସେ ସମୃଦ୍ଧି' ମନ୍ତ୍ରକୁ ପାଥେୟ କରି ତୃଣମୂଳ ସ୍ତରରେ ସମବାୟ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ରାଜ୍ୟର ପ୍ରତ୍ୟେକ ଯୋଗ୍ୟ କୃଷକ ପରିବାର ଏହି ମହାଅଭିଯାନରେ ସାମିଲ ହୋଇ ସମବାୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ଏକ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ଆହ୍ୱାନ ଦିଆଯାଇଛି ।

# ଧୁରପଦାରେ ଭୟାବହ ସଡ଼କ ଦୁର୍ଘଟଣା :

## ଟ୍ରକ୍ ଧକ୍କାରେ ଦମ୍ପତି ମୃତ

କେନ୍ଦୁଝର,୨୭/୯(ନି/ପ୍ର) : କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଧୁରପଦା ଠାରେ ଘଟିଛି ଏକ ଭୟାବହ ସଡ଼କ ଦୁର୍ଘଟଣା । ବାଇକକୁ ଏକ ଟ୍ରକ୍ ଧକ୍କା ଦେବାରୁ ଦୁଇଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଧୁରପଦା ନିକଟରେ ବାଇକ୍ରେ ଦମ୍ପତି ଯାଉଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଛି । ମୃତକ ଦୁଇଜଣଙ୍କ ପରିଚୟ ଏଯାଏଁ ମିଳିପାରିନଥିବା ବେଳେ ବାଇକ୍ ନମ୍ବର ଓଆର ୦୯ପି ୪୪୭୩ ରୁ ଜଣାପଡିଛି ଗାଡିଟି ତେଲକୋଇ ବ୍ଲକ ଜଗମୋହନ ଅଂଚଳର ବୋଲି । ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତକଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି । ଅନ୍ୟପଟେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ଥିବା ବେଳେ ପୋଲିସ ତଦନ୍ତ କରୁଛି ।

# ସେବା ସଂକଳ୍ପ ଅଭିଯାନରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୨୭/୯(ନି/ପ୍ର):ସେବା ସଂକଳ୍ପ ଅଭିଯାନ ଅବସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ରାସନ କାର୍ଡ, ଆବାସ ଯୋଜନା, ରାସ୍ତା, ସରକାରୀ ଜମି ଜବରଦଖଲ, ବନ୍ଧ ଓ ପୋଖରୀ ସଫେଇ, ସ୍ୱଚ୍ଛତା, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପରିଚାଳନା ଆଦି ସମ୍ପର୍କରେ ଲୋକେ ଅଭିଯୋଗ ଜଣାଇଥିଲେ । ରଜିଆ, କାଳିକାପ୍ରସାଦ ଓ କୁଟାରୀପଶି ପଂଚାୟତର ଲୋକଙ୍କୁ ନେଇ ଆୟୋଜିତ ଏହି ଶିବିରରେ ବିଡିଓ ସ୍ମୃତି ରଞ୍ଜନ ସାହୁ ଓ ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମାହାନ୍ତଙ୍କ ସମେତ ତିନି ପଂଚାୟତର ସରପଂଚ ଓ ପିଏସ୍ ମେମ୍ବରମାନେ ଯୋଗଦେଇଥିଲେ ।ଶିବିରରେ ହିତାଧିକାରୀଙ୍କୁ ରାସନ କାର୍ଡ ଓ ଭତା କାର୍ଡ ବଣ୍ଟନ କରାଯିବା ସହ ଲକ୍ଷପତି ଦିଦିମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ପ୍ରାଣୀଧନ ବିଭାଗ, ରାଜସ୍ୱ ବିଭାଗ, ବ୍ୟାଙ୍କ, କୃଷି ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଅବଗତ ହୋଇଥିଲେ ।ଏହା ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା

# ଛତ୍ରପୁରରେ ସଡ଼କ ଦୁର୍ଘଟଣା :

## ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଗୁରୁତର ଆହତ



ଛତ୍ରପୁର,୨୭/୯(ନି/ପ୍ର): ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଅଗସ୍ତି ନୂଆଗାଁ ନିକଟରେ ଶନିବାର ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇଜଣ ହେଲେ କାଳୀପଲ୍ଲୀ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସ୍ୱାଗତିକା ମାଝୀ ଓ ପୋଡ଼ାପଦର ଆୟୁଷ୍ମାନ ସ୍ୱାସ୍ଥ୍ୟଆରୋଗ୍ୟ କେନ୍ଦ୍ରର ରଶ୍ମିତା ସାହୁ । ନୋଳିଆନୂଆଗାଁରେ ଚାଲିଥିବା ସେକ୍ଟର ମିଟିଂରେ ଯୋଗଦେବାକୁ ଉଭୟେ ସ୍କୁଟିରେ ଯାଉଥିବା ବେଳେ ଅଗସ୍ତି ନୂଆଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ନୋଳିଆନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଖବର ପାଇ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ସ୍ୱାଧୀନ କୁମାର ରଥ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ଚିକିତ୍ସାଳୟରେ ପହଚିଂ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଶୀଘ୍ର ଆରୋଗ୍ୟ କାମନା କରିଥିଲେ । ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ ଉଭୟଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

# କନ୍ଧମାଳରେ 'ସମୃଦ୍ଧ' ସମବାୟ ସଦସ୍ୟତା ମହାଅଭିଯାନ, ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭାରମ୍ଭ

କନ୍ଧମାଳ,୨୭/୯(ନି/ପ୍ର): ରାଜ୍ୟରେ ସମବାୟ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବା ଏବଂ ଗ୍ରାମୀଣ ପରିବାରଗୁଡ଼ିକୁ ସମବାୟ ବ୍ୟବସ୍ଥା ସହ ଯୋଡ଼ିବା ଲକ୍ଷ୍ୟରେ ଆଜି ରାଜ୍ୟସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ 'ସମୃଦ୍ଧ' ସମବାୟ ସଦସ୍ୟତା ମହାଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ରାଜ୍ୟସ୍ତରୀୟ ଅଭିଯାନର ଅଂଶ ଭାବେ କନ୍ଧମାଳ ଜିଲ୍ଲାରେ ମଧ ଜିଲ୍ଲା ପ୍ରଶାସନ ଏବଂ ସମବାୟ ବିଭାଗ, କନ୍ଧମାଳ ବିଭାଜନର ମିଳିତ ଅନୁକୂଳ୍ୟରେ ଅଭିଯାନକୁ ବ୍ୟାପକ ଭାବେ ଆରମ୍ଭ କରାଯାଇଛି । ରାଜ୍ୟ ସରକାରଙ୍କ 'ସମବାୟ ନୀତି ୨୦୨୬' ଅନୁଯାୟୀ ପ୍ରଣୀତ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଗ୍ରାମୀଣ ପରିବାରରୁ ଅତିକମରେ ଜଣେ ବ୍ୟକ୍ତିଙ୍କୁ ସମବାୟ ସମିତିର ସଦସ୍ୟ ଭାବେ ସାମିଲ କରିବା । ଏହା ମାଧ୍ୟମରେ କୃଷକ, ମହିଳା, ଯୁବବର୍ଗ ଓ ସାଧାରଣ ଲୋକଙ୍କ ଆର୍ଥିକ ସଶକ୍ତିକରଣ ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ୪୬ ହଜାର ନୂତନ ସଦସ୍ୟ ସାମିଲ ଲକ୍ଷ୍ୟ କନ୍ଧମାଳ ଜିଲ୍ଲାରେ ବର୍ତ୍ତମାନ ୧ ଲକ୍ଷ ୬୧ ହଜାର ୯୦୪ ଜଣ ସମବାୟ ସଦସ୍ୟ ରହିଛନ୍ତି । 'ସମୃଦ୍ଧ' ମହାଅଭିଯାନ ମାଧ୍ୟମରେ ଆହୁରି ୪୬ ହଜାର ନୂତନ ସଦସ୍ୟଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।ସଦସ୍ୟତା ପ୍ରକ୍ରିୟାକୁ ସହଜ ଓ ସୁଗମ କରିବା ପାଇଁ 'ସମୃଦ୍ଧ' ଆପ୍ ପ୍ରଚଳନ କରାଯାଇଛି । ସ୍ଥାନୀୟ ସ୍ତରରେ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ 'ସମବାୟ ସାଥୀ' ନିୟୋଜିତ ହୋଇଛନ୍ତି । ଗତ ତିନି ବର୍ଷ ମଧ୍ୟରେ ଜିଲ୍ଲାରେ ୫୨ଟି ଲ୍ୟାମ୍ପ୍ ଗଠନ କରାଯାଇ ମୋଟ ଲ୍ୟାମ୍ପସେସ୍ ସଂଖ୍ୟା ୭୬କୁ ବୃଦ୍ଧି ପାଇଛି । କୃଷକ ଓ ସଦସ୍ୟଙ୍କ ପାଇଁ ବିଭିନ୍ନ ସୁବିଧା 'ସମୃଦ୍ଧ' ଅଭିଯାନ ଅଧୀନରେ ସଦସ୍ୟମାନଙ୍କୁ ବିଭିନ୍ନ କୃଷି ଓ ଆର୍ଥିକ ସୁବିଧା ଯୋଗାଇବାର ବ୍ୟବସ୍ଥା ରହିଛି । ଏଥିରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ୍ୟ ସୁଧରେ କୃଷି ଋଣ ଏବଂ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ ପ୍ରତିଶତ ବାର୍ଷିକ ସୁଧରେ ଋଣ ସୁବିଧା ରହିଛି । ଏଥିସହ ୨ ହେକ୍ଟର ପର୍ଯ୍ୟନ୍ତ ଚାଷ ଜମି ପାଇଁ କୃଷକ ବୀମା, ଭୂମିହୀନ ଓ ଭାଗଚାଷୀଙ୍କୁ ଜେଏଲଜି ଓ ସ୍ୱଂୟ ସହାୟିକା ଗୋଷ୍ଠୀ ମାଧ୍ୟମରେ ରିହାତି ଦରରେ କୃଷି ଓ ଅଣକୃଷି ଋଣ, ଯୁବବର୍ଗଙ୍କ ପାଇଁ ଷ୍ଟାର୍ଟଅପ୍ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସହାୟତା ଆଦି ସୁବିଧା ରହିଛି । ଏଥିସହ ସିଏସ୍ ସି ମାଧ୍ୟମରେ ଡିଜିଟାଲ୍ ସେବା, ଜନଔଷଧି କେନ୍ଦ୍ର ମାଧ୍ୟମରେ ସୁଲଭ ମୂଲ୍ୟରେ ଔଷଧ ଏବଂ କୃଷି ସେବା କେନ୍ଦ୍ର ମାଧ୍ୟମରେ ଟ୍ରାକ୍ଟର ଓ ପାୱାର ଟିଲର ଭଳି କୃଷି ଯନ୍ତ୍ରପାତି ଭଡ଼ାରେ ଯୋଗାଇବାର ବ୍ୟବସ୍ଥା ରହିଛି ।ଅଧିକାରୀ, ସମବାୟ କର୍ମଚାରୀ, କୃଷକ ଓ ଗଣମାଧ୍ୟମର ଯୋଗଦାନ ।ଏହି ମହାଅଭିଯାନର ସଫଳ ରୂପାୟନ ନେଇ ଅନୁଷ୍ଠିତ ବୈଠକରେ କନ୍ଧମାଳ ଡିଆରସିଏସ୍ ଶ୍ରୀ ସନ୍ତୋଷ କୁମାର ଦାଶ, ସିଡିଏଓ ଶ୍ରୀ ପବିତ୍ର ମୋହନ ସାହୁ, ଡିଡିଏଚ୍ ଶ୍ରୀମତୀ ସ୍ମିତା ମହାନ୍ତି, ସିଡିଭିଓ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତୀନିଏଲ ନାଇକ ଏବଂ ଡିଏଫ୍‌ଓ ଙ୍କ ପ୍ରତିନିଧି ଉପସ୍ଥିତ ଥିଲେ । ଏଥିସହ ଏଆରସିଏସ ଫୁଲବାଣୀ ଶ୍ରୀ ଅଶୋକ କୁମାର ମହାନ୍ତି, ଏଆରସିଏସ୍ ବାଲିଗୁଡ଼ା/ଫୁଲବାଣୀ ଶ୍ରୀ ସୁକାନ୍ତ କୁମାର ପାଢ଼ୀ, ଶ୍ରୀ ସୁମନ କୁମାର ଶତପଥୀ, ଆର୍ ଏମ୍ ସି ସମ୍ପାଦକ ଶ୍ରୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀ ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ଲ୍ୟାମ୍ପସେସ୍ ର ବୋର୍ଡ ସଦସ୍ୟ, କର୍ମକର୍ତ୍ତା ଓ କର୍ମଚାରୀ, କୃଷକ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ସମେତ ଉପସ୍ଥିତ ସମସ୍ତ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ କର୍ମଚାରୀ, କୃଷକ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଅଭିଯାନର ବାର୍ତ୍ତାକୁ ଗ୍ରାମାଂଚଳର ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଂଚାଇବା ସହ ନୂତନ ସଦସ୍ୟଙ୍କୁ ସମବାୟ ବ୍ୟବସ୍ଥା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଥିଲେ । ଜନସାଧାରଣଙ୍କ ସକ୍ରିୟ ସହଭାଗିତା, କୃଷକଙ୍କ ଯୋଗଦାନ, ସମବାୟ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଏବଂ ଗଣମାଧ୍ୟମର ସହଯୋଗ ମାଧ୍ୟମରେ 'ସମୃଦ୍ଧ' ମହାଅଭିଯାନକୁ କନ୍ଧମାଳ ଜିଲ୍ଲାରେ ସଫଳ କରିବା ପାଇଁ ଆହ୍ୱାନ ଜଣାଯାଇଛି ।

# ପ୍ରବଳ ବର୍ଷାରେ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କଲେ ନବରଙ୍ଗପୁର ଜିଲ୍ଲାପାଳ



ନବରଙ୍ଗପୁର,୨୭/୯(ନି/ପ୍ର): ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ଅଂଚଳଗୁଡ଼ିକର ସ୍ଥିତି ସମୀକ୍ଷା କରିବା ପାଇଁ ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ କୋଷାଗୁମୁଡା ବ୍ଲକର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ଜଳବନ୍ଦୀ ପରିସ୍ଥିତି, ଯୋଗାଯୋଗ ବ୍ୟବସ୍ଥା ଏବଂ ଲୋକଙ୍କ ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିସହ ଜଳବନ୍ଦୀ ଅଂଚଳରେ ଥିବା ଲୋକଙ୍କ ଉଦ୍ଧାର, ରିଲିଫ୍ ଯୋଗାଣ ଓ ଆବଶ୍ୟକ ସହାୟତା ପ୍ରଦାନ ନେଇ ଉପସ୍ଥିତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବର୍ଷାଜନିତ ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ଜଣାପଡ଼ିଛି ।



ବର୍ଷାରେ ବେହାଲ କେନ୍ଦୁଝର :ବିପଦ ସଂକେତ ଉପରେ ବୈତରଣୀ ନଦୀ

# କଳିଙ୍ଗ କଲଚୁରାଲ୍‌ର ଦୁର୍ଗା ପୂଜା ମାଟି ଅନୁକୂଳ

ଭଦ୍ରକ,୨୭/୯(ନି/ପ୍ର): ଜାତୀୟ ରାଜଧାନୀ କ୍ଷେତ୍ର ଅର୍ନ୍ତଗତ ଗୁରୁଗ୍ରାମ ଠାରେ ଚଳିତ ବର୍ଷ ମହାସମାରୋହରେ ଶାରଦୀୟ ଦୁର୍ଘାପୂଜା ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ କଳିଙ୍ଗ କଲଚୁରାଲ ଏଣ୍ଡ ୱେଲଫେୟାର ଆସୋସିଏସନ ଗୁରୁଗ୍ରାମ ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ୧୭ ତମ ଦୁର୍ଗା ପୂଜା ଉପଲକ୍ଷେ ମା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ ପୂଜା ପରମ୍ପରା କ୍ରମେ କର୍ତା ଅମର ବିକାଶ ନାୟକ ଓ ତାଙ୍କ ପତ୍ନୀ ଅନୁସୟା ନାୟକଙ୍କ ବାସ ଭବନରେ ଲକ୍ଷ୍ମଣ ବିହାର , ଗୁରୁଗ୍ରାମରେ ରୀତିନିତୀ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଅଭୟ ପଣ୍ଡାଙ୍କ ଦ୍ୱାରା ସନାତନ ସଂସ୍କୃତି ରୀତି ନିତୀ ଅନୁସାରେ ମାଟି ଅନୁକୂଳ ପୂଜା ସମ୍ପର୍ଣ୍ଣ ହୋଇଥିଲା । ମୂର୍ତ୍ତିକାର ଏହି ମାଟି ସହିତ ଆଉ ୭ ପ୍ରକାରର ମାଟି ମିଶାଇ ମା ଦୁର୍ଗାଙ୍କର ଭବ୍ୟ ମୂର୍ତ୍ତି ନିର୍ମାଣ କରିଥାଏ । ପାରମ୍ପରିକ ବୈଦିକ ରୀତିରେ ମନ୍ତ୍ର ଉଚ୍ଚାରଣ ଏବଂ ଘଂଟ ଘଂଟା ବାଦ୍ୟ ସହ କମ୍ପି ଉଠିଲା ମା ଦୁର୍ଗାଙ୍କର ମାଟି ଅନୁକୂଳ ପୂଜାର୍ଚ୍ଚନା । ଏଥିରେ ସ୍ଥାନୀୟ ଲୋକଙ୍କ ସମେତ କମିଟି ସଦସ୍ୟଙ୍କ ଏକାଠି ହୋଇଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ପୂଜା ଆୟୋଜନର ପ୍ରସ୍ତୁତି ପ୍ରକ୍ରିୟା ସୁଚାର ରୂପେ ଚଲାଇଥିବା ସଂଗଠନର ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା କହିଛନ୍ତି । ପୂଜା ଉତ୍ସବରେ ସ୍ୱେଚ୍ଛାସେବୀ ଯୁବକ ଯୁବତୀ ମାନଙ୍କୁ ନିୟୋଜିତ କରାଯିବା ସହ ଅସାମାଜିକ ମାନଙ୍କ ପ୍ରତି ତୀକ୍ଷ୍ଣ ନଜର ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ଭୀମସେନ ରେଡ୍ଡୀ, ଉପସଭାପତି ରଞ୍ଜନ ସାହୁ, କୋଷାଧ୍ୟକ୍ଷ ବିନାୟକ ନାୟକ, ଯୁଗ୍ମ କୋଷାଧ୍ୟକ୍ଷ ଶେଷଦେବ ସାହୁ, ସଂଗଠନ ସଚିବ କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭାରୀ ପ୍ରଦ୍ୟୁମ୍ନ ରଥ, ପ୍ରଚାର ସଚିବ ମାନସ ରଞ୍ଜନ ସାହୁ, ମିଡିଆ ପ୍ରଭାରୀ ମନୋଜ ସ୍ୱାଇଁ, ସଂଯୋଜକ ରାଜେନ୍ଦ୍ର ସାହୁ, ମଳୟ ରଞ୍ଜନ, ବୀରେନ ସାମଲ, ସଞ୍ଜୟ ଦଳେଇ, ଚରଣ ଜେନା, ସଞ୍ଜୟ ସାହୁ, କୃଷ୍ଣ ଚନ୍ଦ୍ର ଧଳ ପ୍ରମୁଖ ଅନନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ଉପଦେଷ୍ଟା ହରେକୃଷ୍ଣ ମହାନ୍ତି ଏବଂ ମୋନାଲିସା ମହାପାତ୍ର ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା ସହିତ ସାଧୁବାଦ ଜଣାଇ ଏହି ମହାନ ପରମ୍ପରାର ଉତୋରତର ଉନ୍ନତି କାମନା କରିଥିଲେ ଏବଂ ଏବର୍ଷ କିଭଳି ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରାଯିବ ତାହା ବର୍ଣ୍ଣନା କରିଥିଲେ । ପଣ୍ଡିତ ଅଭୟ ପଣ୍ଡାଙ୍କ ଦ୍ୱାରା ସନାତନ ସଂସ୍କୃତି ରୀତି ନିତୀ ଅନୁସାରେ ମାଟି ଅନୁକୂଳ ପୂଜା ସମ୍ପର୍ଣ୍ଣ ହୋଇଥିଲା ।

# କଳାହାଣ୍ଡିରେ 'ମାଇ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ, ଯୁବବର୍ଗଙ୍କୁ ନେଇ ପ୍ରସ୍ତୁତ ହେବ କାର୍ଯ୍ୟଯୋଜନା

ଭବାନୀପାଟଣା,୨୭/୯(ନି/ପ୍ର): କଳାହାଣ୍ଡି ଜିଲ୍ଲାରେ 'ମାଇ ଭାରତ'ର ବିଭିନ୍ନ ଯୁବ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା, ଯୁବକମାନଙ୍କ ଅଂଶଗ୍ରହଣ ବଢ଼ାଇବା ଏବଂ ଆଗାମୀ କାର୍ଯ୍ୟକ୍ରମର ସୁଚାରୁ ରୂପାୟଣ ନେଇ ମାଇ ଭାରତ କଳାହାଣ୍ଡି ଜିଲ୍ଲା ପରାମର୍ଶଦାତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା କମିଟିର ଅଧ୍ୟକ୍ଷ ତନ୍ମୟ କୁମାର ଦରୱାନ ଅଧକ୍ଷତା କରିଥିଲେ । ମାଇ ଭାରତ କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ବଂଶ ଶର୍ମା ଏଜେଣ୍ଡା ଅନୁଯାୟୀ ବୈଠକର ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ । ବୈଠକ ଆରମ୍ଭରେ ପୂର୍ବତନ ଜିଲ୍ଲା ପରାମର୍ଶଦାତା କମିଟି ବୈଠକର କାର୍ଯ୍ୟବିବରଣୀର ଅନୁମୋଦନ କରାଯିବା ସହ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ତାହାର କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯାଇଥିଲା । ଏହାପରେ ଜିଲ୍ଲାରେ ମାଇ ଭାରତ ଯୁବ ପଞ୍ଜୀକରଣର ସ୍ଥିତି ଏବଂ ଅଧିକ ଯୁବକ-ଯୁବତୀଙ୍କୁ ମାଇ ଭାରତ ସହିତ ଯୋଡ଼ିବା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟ, ବିଦ୍ୟାଳୟ, ଯୁବ କ୍ଲବ, ଜାତୀୟ ସେବା ଯୋଜନା, ନେହେରୁ ଯୁବ କେନ୍ଦ୍ର ସଂଗଠନ ଏବଂ ଅନ୍ୟାନ୍ୟ ଯୁବ ସମ୍ବନ୍ଧୀୟ ଅନୁଷ୍ଠାନ ମାଧ୍ୟମରେ ମାଇ ଭାରତର କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର-ପ୍ରସାର କରିବା ଏବଂ ଯୁବକମାନଙ୍କୁ ଅଧିକ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ, ବିକଶିତ ଭାରତ ଯୁବ ସଂଯୋଗ, ଯୁବ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ସମୁଦାୟ ସେବା କାର୍ଯ୍ୟକ୍ରମର ଯୋଜନା ଓ ରୂପାୟନ ନେଇ ଆଲୋଚନା କରାଯାଇଥିଲା । ଏଥିସହିତ ମାଇ ଭାରତ କାର୍ଯ୍ୟକ୍ରମର ପ୍ରଚାର ପାଇଁ ନୋଡାଲ ଅଧିକାରୀ ଓ ନୋଡାଲ ରାଷ୍ଟ୍ରଦୂତଙ୍କ ଚିହ୍ନଟ, ବିଭିନ୍ନ ସରକାରୀ ବିଭାଗ ଓ ଶିକ୍ଷାନୁଷ୍ଠାନ ସହ ସମନ୍ୱୟ ଏବଂ ଯୁବ କାର୍ଯ୍ୟକ୍ରମର ପ୍ରଭାବୀ ରୂପାୟଣ ଉପରେ ଆଲୋଚନା ହୋଇଥିଲା । ଯୁବମାନଙ୍କୁ ସ୍ୱଚ୍ଛତା ଅଭିଯାନ, ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ସାମାଜିକ ଓ ସମୁଦାୟ ବିକାଶମୂଳକ କାର୍ଯ୍ୟ ଏବଂ ନାଗରିକ ସହଭାଗିତାରେ ଅଧିକ ସକ୍ରିୟ କରିବା ନେଇ ମଧ ମତବିନିମୟ କରାଯାଇଥିଲା । ଆଗାମୀ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଭବାନୀପାଟଣା ତହସିଲଦାର କ୍ଷୀରୋଦ ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜାତୀୟ ସେବା ଯୋଜନାର ନୋଡାଲ ଅଧିକାରୀ ଜୟନ୍ତ କୁମାର ଦଣ୍ଡସେନା, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ୱିଲିୟମ ରାକେଶ କ୍ଲପ୍, ମାଇ ଭାରତ ଯୁବ ନେତା ସମ୍ଭୁ ବିଶି, ମାଇ ଭାରତର ସହକାରୀ ପ୍ରକଳ୍ପ ଅଧିକାରୀ ଦୁତିଆ ବାଞ୍ଝୋରଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ । ବୈଠକର ଶେଷରେ "ନିଶାମୁକ୍ତ ଯୁବା" ଅଭିଯାନ ଅଧୀନରେ ଉପସ୍ଥିତ ସମସ୍ତେ ନିଶାଠାରୁ ଦୂରେଇ ରହିବା, ଅନ୍ୟମାନଙ୍କୁ ନିଶାରୁ ଦୂରେଇ ରହିବା ପାଇଁ ସଚେତନ କରିବା ଏବଂ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବ ସମାଜ ଗଠନ ପାଇଁ ନିଶାମୁକ୍ତ ଯୁବ ଶପଥ ଗ୍ରହଣ କରିଥିଲେ । ଯୁବମାନଙ୍କୁ ସ୍ୱଚ୍ଛତା ଅଭିଯାନ, ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ସାମାଜିକ ଓ ସମୁଦାୟ ବିକାଶମୂଳକ କାର୍ଯ୍ୟ ଏବଂ ନାଗରିକ ସହଭାଗିତାରେ ଅଧିକ ସକ୍ରିୟ କରିବା ନେଇ ମଧ ମତବିନିମୟ କରାଯାଇଥିଲା ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ସୋମବାର ୨୮ ସେପ୍ଟେମ୍ବର ୨୦୨୬**

# ଅପରାଧିକ ମାନସିକତା

ବିନା ଅନୁମତିରେ ଅନ୍ୟର ଘରେ ପ୍ରବେଶ କରିବା ବା ଜୋରଜବରଦସ୍ତ ପ୍ରବେଶ କରିବା ଏକ ବେଆଇନ କାର୍ଯ୍ୟ । ଏହା ଏକ ଗର୍ହିତ ଅପରାଧ ମଧ୍ୟ । କିଛି ଲୋକ ବାଧ୍ୟ ହୋଇ ଆତ୍ମରକ୍ଷା ନିମନ୍ତେ ଅନୁପ୍ରବେଶ କରନ୍ତି । ଆଉ କିଛି ବ୍ୟକ୍ତି ଜାଣିଶୁଣି ଅପରାଧିକ ମାନସିକତା ରଖି ଏଭଳି କାର୍ଯ୍ୟ କରନ୍ତି । ଅନ୍ୟ ଘରେ ପ୍ରବେଶ କରିବାକୁ ସେମାନେ ବେଶ ଉପଭୋଗ କରନ୍ତି । ଏହା ଏକ ଅପରାଧିକ ମାନସିକତା । ଦେଶରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ପରେ ବିଭିନ୍ନ ରାଜ୍ୟରେ ବେଆଇନଭାବେ ବସବାସ କରୁଥିବା ବାଂଲାଦେଶୀମାନେ ଘରକୁ ଫେରିବା ନିମନ୍ତେ ବାଧ୍ୟ ହେଉଛନ୍ତି । କିନ୍ତୁ କିଛି ରାଜନୈତିତକ ଦଳ ଏହାକୁ ବିରୋଧ ଏବଂ ନିନ୍ଦା କରୁଛନ୍ତି । କାରଣ ହେଲା ସେମାନେ ଏମାନଙ୍କୁ ନିଜର ଭୋଟ ବ୍ୟାଙ୍କ ରୂପେ ଆଜି ପର୍ଯ୍ୟନ୍ତ ବ୍ୟବହାର କରି ଆସୁଛନ୍ତି । ଏବେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି । ଏହାକୁ ହାତଛଡ଼ା କରାଯିବା ଅନୁଚିତ । ଏହା ହିଁ ଭାରତର ସମାଜିକ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ । ପହଲଗାମ ଆକ୍ରମଣ ଆମକୁ ସଚେତନ କରାଇଛି । ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ । ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି । କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି । ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି । ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି । କିଛି ଲୋକ ଶରଣାର୍ଥ;ୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି । ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି । ଏହା ଏକ ଅପରାଧ । ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି । ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି । ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି । ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି । ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋିଛି । ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି । କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ । ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି । ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି । ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ନ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି । କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର । ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି । ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି । ଏହା ଯଥାର୍ଥ । ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ । ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ । ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ । ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି । କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି । ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି । ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି । ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ୍ୟ ଅନେକ ଭାରତୀୟ ବସବାସ କରୁଛନ୍ତି । ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା । ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ୍ୟ କରୁଛନ୍ତି । ଅନେକ ବ୍ୟବସାୟ ପାଇଁ ମଧ୍ୟ ବିଦେଶକୁ ଯାଇଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି । ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି । ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି । ମଧ୍ୟପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅନେକ ଓଡ଼ିଆ ମଧ୍ୟ ଅଛନ୍ତି । ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି । କିନ୍ତୁ ଭାରତରେ ଅନୁପ୍ରବେଶକାରୀ ବାଂଲାଦେଶୀ ଏବଂ ରୋହିଙ୍ଗିୟାମାନେ ରାଜନୈତିକ ବ୍ୟକ୍ତିଙ୍କ ଶରଣରେ ରହି ବେଶ ସହଜରେ ନିଜକୁ ସୁରକ୍ଷିତ ରଖି ଆରାମରେ ଜୀବନ ଯାପନ କରୁଛନ୍ତି । କିଛି ବର୍ଷ ଭିତରେ ସେମାନେ ଭାରତୀୟ ନାଗରିକଭାବେ ସବୁ ସ୍ୱୀକୃତୀ ପାଉଛନ୍ତି ଏବଂ ସବୁ ପ୍ରକାର ସରକାରୀ ଯୋଜନାର ହିତାଧିକାରୀ ହେଉଛନ୍ତି । ଏମାନେ ଭାରତର ଜନ ବିସ୍ଫୋରଣରେ ମୁଖ୍ୟ ଭୂମିକା ନେଉଛନ୍ତି । ଏମାନେ ଭାରତରେ ବିଭିନ୍ନ ଅପରାଧ , ଆତଙ୍କବାଦ ଏବଂ ହିଂସା କାଣ୍ଡରେ ସମ୍ପୃକ୍ତ । କିନ୍ତୁ ଅନେକ ସମୟରେ ପୋଲିସ ସେମାନଙ୍କୁ ଖୋଜି ବାହାର କରିପାରୁନାହାଁନ୍ତି । କାରଣ ସେମାନଙ୍କୁ କିଛି ଅଜଣା ଶକ୍ତି ସୁରକ୍ଷା ପ୍ରଦାନ କରୁଛନ୍ତି । ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଏଭଳି ଅନୁପ୍ରବେଶକାରୀଙ୍କ ସଂଖ୍ୟା ସର୍ବାଧିକ । ଗୁଜରାଟ ସରକାର ଯେପରି ବାଂଲା ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି, ଓଡ଼ିଶା ସରକାର ମଧ୍ୟ ଅନୁରୂପ ଅଭିଯାନ ଆରମ୍ଭ କରିବା ଉଚିତ । ଓଡ଼ିଶାକୁ ରକ୍ଷା କରିବା ନିମନ୍ତେ ପ୍ରଥମେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ଜରୁରୀ ।

# ଜୀବନର ଜିଜ୍ଞାସା

## ହେମନ୍ତ କୁମାର ପରିଡ଼ା

ଜୀବନର ଅନେକ ଜିଜ୍ଞାସା, ହେଲେ ସର୍ବଶ୍ରେଷ୍ଠ ଓ ସର୍ବଶେଷ ଜିଜ୍ଞାସା ହେଉଛି ଆତ୍ମାନୁଭବ । ସେଥିପାଇଁ ବାଲ୍ୟକାଳକୁ ଧର୍ମ ଧନ ଅର୍ଜନ ପାଇଁ କୁହାଯାଇଛି । ଧର୍ମ ଦୟାରୁ ଜାତ ହୋଇଛି । ପରମବ୍ରହ୍ମ ପରମାତ୍ମା ଦୟାକରି ତାଙ୍କର ସତ୍ ସଂକଳ୍ପରୁ ଏହି ସୃଷ୍ଟି ସଂରଚନା କରିଛନ୍ତି । ଅଗ୍ନି ସଂଯୁକ୍ତ ଭାବରେ ସର୍ବତ୍ର ବିଦ୍ୟମାନ ଥିଲେ ମଧ୍ଯ ବିଶେଷ ବିଶେଷ ସ୍ଥାନ ମାନଙ୍କରେ ପ୍ରୟୋଜନ ଆଧାରରେ ପ୍ରକାଶିତ ହୋଇଥାନ୍ତି । ସେହିଭଳି ଧର୍ମ ସତ୍ୟବାଦୀ ବ୍ୟକ୍ତିଙ୍କ ପାଖରେ ସ୍ୱଭାବିକ ଭାବେ ନିବାସ କରି ପ୍ରକଟିତ ଓ ପ୍ରକାଶିତ ହୋଇଥାଆନ୍ତି । ଧର୍ମ ଗୁଣବାଚକ ତଥା ଆଚରଣ ସାପେକ୍ଷ । ମଣିଷର ଭାବ ଭକ୍ତି ଓ ଆଚରଣରେ ଏହା ପ୍ରକଟ ହୋଇଥାଏ । ଭଲ ମଣିଷଟିଏ ହେବା ପାଇଁ ଧର୍ମର ଆଶ୍ରୟ ଅନିବାର୍ଯ୍ୟ । ଭଲ ହେବା ଏବଂ ଭଲ କାମ କରିବାର ମାନବୀୟ ଆଚରଣ ଓ ଉଚ୍ଚାରଣ ଦ୍ୱାରା ବ୍ୟକ୍ତି ଭିତରେ ଧର୍ମ ଭାବ ପ୍ରକଟିତ ହୋଇ ପ୍ରକାଶ ପାଏ । ସେଥିପାଇଁ ବାଲ୍ୟକାଳରୁ ଧର୍ମ ରୂପକ ଧନ ଅର୍ଜନ କରିବା ପାଇଁ ଆମ୍ଭମାନଙ୍କୁ ଉପଦେଶ ଦିଆଯାଇଛି । ଧର୍ମ ଅର୍ଜନ କରି ପ୍ରଭୁଙ୍କୁ ପ୍ରାପ୍ତି କରିବାକୁ କୁହାଯାଇଛି । ଆମେ ଧାର୍ମିକ ହେଲେ ଧର୍ମ ସ୍ୱରୂପ, ଧର୍ମ ରକ୍ଷକ ହରି ଆମକୁ ପ୍ରାପ୍ତ ହେବେ । ଧର୍ମ ରକ୍ଷତି ରକ୍ଷିତ । ଯିଏ ଧର୍ମକୁ ଧରି ରଖିବ ଧର୍ମ ତାକୁ ରକ୍ଷା କରିବ । ଭଗବାନଙ୍କୁ ପ୍ରାପ୍ତ କଲେ କ'ଣ ହେବ ? ସୂର୍ଯ୍ୟ ଉଦୟ ହେଲେ ଯେପରି ଅନ୍ଧକାର ରହେନାହିଁ ସେହିଭଳି ସତ୍ ଚିତ୍ ଆନନ୍ଦ ସ୍ୱରୂପ ଭଗବାନ ବା ପରମାତ୍ମାଙ୍କୁ ପ୍ରାପ୍ତ କଲେ ଜୀବନରେ ଅନ୍ଧାର ରୂପକ ଦୁଃଖ ରହିବ ନାହିଁ । ଶୀତ ତାପର ଭୟ ରହିବ ନାହିଁ । ଆନନ୍ଦ ଆଲୋକରେ ଜୀବନ ଭରିଯିବ । ଆମର ସମସ୍ତ ଶାସ୍ତ୍ରରେ ଜୀବନର ଏହି ମର୍ମ ଅନୁରଣିତ ହୋଇଛି । ଭଲ ହୋଇ ଭଲ କାମ କରିବା ଏବଂ ଭଲମଣିଷ ହୋଇ ଭଗବାନଙ୍କୁ ଉପଲବ୍ଧି କରିବାର ଉପାୟ ଶାସ୍ତ୍ରମାନଙ୍କରେ ପ୍ରଦର୍ଶିତ ହୋଇଛି । ପ୍ରସିଦ୍ଧ ଧର୍ମଶାସ୍ତ୍ର ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି – 'ଯଂ ଲବଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ । ଯସ୍ମିନସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।।' (ଗୀତା-୬/୨୨) ଅର୍ଥାତ୍ ଯେଉଁ ଲାଭ ମିଳିଗଲେ ତାହାଠାରୁ ଅଧିକ କିଛି ଲାଭ ଥିବାର ଅନୁଭୂତ ହୁଏନାହିଁ ଏବଂ ଯେଉଁ ସ୍ଥିତିରେ ଉପନୀତ ହେବାପରେ ଗୁରୁତର ଦୁଃଖ ମଧ୍ୟ ଆଉ ବିଚଳିତ କରିପାରେ ନାହିଁ । ଏହାତ ପ୍ରତ୍ୟେକ ଜୀବନର ଲକ୍ଷ୍ୟ । ଦୁଃଖ କେହି ଚାହାଁନ୍ତି ନାହିଁ । ସୁଖରେ ରହିବାକୁ ସମସ୍ତେ ଚାହାଁନ୍ତି । କିନ୍ତୁ ପ୍ରକୃତ ସୁଖର ସୀମା ଜାଣି ନଥିବାରୁ ଲୋକେ ପ୍ରାପ୍ତ ଦୁଃଖର ନିବୃନ୍ନି ଜନିତ ଅସ୍ଥାୟୀ ସୁଖରେ ମଜ୍ଜି ରୁହନ୍ତି । ସାଧକ ଜୀବନରେ ଏଭଳି ଏକ ଆତ୍ୟନ୍ତିକ ସୁଖପ୍ରାପ୍ତ ହୁଏ ଯାହାଦ୍ୱାରା ଯେତେ ଗୁରୁତର ଦୁଃଖ ଜୀବନରେ ଆସିଲେ ମଧ୍ୟ ସେ ଆଦୌ ବିଚଳିତ ହୁଏନାହିଁ । ଏହି ଆତ୍ୟନ୍ତିକ ସୁଖ ଆମ ସମସ୍ତଙ୍କର ଧେୟ ହେବା ଦରକାର । ଗୀତା ନିର୍ଦ୍ଦେଶିତ ଏହି ସ୍ଥିତି ସର୍ବସାଧନାର ମାନଦଣ୍ଡ । ଜଣେ ଚେତନଶୀଳ ସାଧକ ନିଜେ ନିଜର ଆଧ୍ୟାତ୍ମିକ ସ୍ଥିତି ଏହି ମାନଦଣ୍ଡରେ ମାପି ପାରିବ । କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ଧ୍ୟାନଯୋଗ ଆଦି ସବୁ ଯୋଗର ମୂଳ ଆଧାର ହେଉଛି ସମତା ଯୋଗ । ମନରେ ସନ୍ତୋଷ ଆସିଗଲେ ଏହି ସ୍ଥିତି ପ୍ରାପ୍ତି ସମ୍ଭବ ହୋଇଥାଏ । ସନ୍ତୋଷ ଏକ ମାନସିକ ଅଭିବ୍ୟକ୍ତି । ଏହା ସାଧନ ସାପେକ୍ଷ । ବିବେକ ବୈରାଗ୍ୟ ଓ ବିଚାର ଦ୍ୱାରା ସନ୍ତୋଷ ରୂପକ ଦିବ୍ୟ ଦୈବୀ ସମ୍ପତି ଅର୍ଜନ କରିବାକୁ ହୋଇଥାଏ । 'କୁବେର ସମ୍ପତି କିବା ପ୍ରୟୋଜନ, ହୃଦେ ନାହିଁ ଯଦି ସନ୍ତୋଷ ଧନ' । ସାଧୁସନ୍ଥ ଓ ଶାସ୍ତ୍ରମାନେ ସେମାନଙ୍କର ଅନୁଭବରୁ ଏହା ଘୋଷଣା କରିଛନ୍ତି – 'ସନ୍ତୋଷୀ ସଦା ସୁଖୀ ।' ଏହା ପ୍ରତ୍ୟେକଙ୍କର ଅନୁଭବ । କାମନା ଦୁଃଖର କାରଣ, କାମନାର ବିନାଶରେ ଦୁଃଖର ବିନାଶ । ପ୍ରଭୁଙ୍କ କୃପାରୁ ଯେତେବେଳେ ଯାହା ମିଳିଛି ସେଥିରେ ରହି ପ୍ରଭୁଙ୍କୁ କୃତଜ୍ଞତା ଜଣାଇବା ସନ୍ତୋଷ ଭାବ ଅଟେ । ଏହି ସମସ୍ତ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜୀବନରେ ସମସ୍ତ ଅଶାନ୍ତି ପରିହାର କରି ଶାନ୍ତି ଆନନ୍ଦ ଅନୁଭବରେ ନିତ୍ୟ ସ୍ଥିତ ହେବା । ଏହାର ଉପାୟ ହେଉଛି ଚିତବୃତିରୁ ସମ୍ବନ୍ଧ ଛିନ୍ନ କରି ବିବେକ ବୈରାଗ୍ୟ ଦ୍ୱାରା ସବୁ ଅବସ୍ଥାରେ ସନ୍ତୋଷ ପ୍ରାପ୍ତ ହେବା । ବୃତିମାନେ ସବୁ ଅସ୍ଥିରତାର କାରଣ । ବୃତି ଗୁଡ଼ିକରୁ ନିବୃତି ଅର୍ଥ ପରମ ପ୍ରଶାନ୍ତି ଓ ଅମୀୟ ଆନନ୍ଦରେ ଅବସ୍ଥାନ । ଏହା ହିଁ ନିର୍ବିକଳ୍ପ ଅବସ୍ଥା । ବୃତିମାନେ ବିଷୟ ସହିତ ସଂଯୁକ୍ତ ହୋଇ ନାନା ପ୍ରକାର ସଂକଳ୍ପ ସୃଷ୍ଟି କରନ୍ତି । ବୃନ୍ନି ଶାନ୍ତି ହେଲେ ଆଉ ସଂକଳ୍ପ ରହେନାହିଁ । ସଂକଳ୍ପ ରହିତ ଜୀବନ ହେଉଛି ଜୀବନ୍ମୁକ୍ତ ଅବସ୍ଥା, ଏହା ନିର୍ବିକଳ୍ପ ସ୍ଥିତି । ଏହି ସ୍ଥିତିରେ ଉପନୀତ ହେବା ଏତେ ସହଜ ନୁହେଁ । ଅନେକ ପ୍ରତ୍ୟବାୟ ଯଥା ଦୁର୍ଭାବନା, ଦୁଃସ୍ୱଭାବ, ଦୁର୍ଗୁଣ, ଦୋଷ ଦୁର୍ବଳତା ଆଦି । ଅତ୍ୟନ୍ତ ସାବଧାନତାର ସହିତ ପ୍ରଖର ବୁଦ୍ଧି ବଳରେ କଠୋର ସାଧନା ଦ୍ୱାରା ଏହି ମାନଙ୍କୁ ଦୂର କରିବାକୁ ହେବ । ଏମାନଙ୍କ ବିରୁଦ୍ଧରେ ଲଢ଼ିଲେ ଏମାନେ ଯିବେ ନାହିଁ ପରନ୍ତୁ ଅଧିକ ବଳଶାଳୀ ହୋଇ ଉଠିବେ । କୌଶଳ ପ୍ରୟୋଗ କରି ଶତ୍ରୁମାନଙ୍କୁ ପରାହତ କରିବାକୁ ହେବ । ଦୁର୍ଗୁଣ ବିରୁଦ୍ଧରେ ସୁଗୁଣ ଗୁଡ଼ିକୁ ବଢ଼ାଇ ସୁଦୃଢ଼ କରିବାକୁ ହେବ । ସତଚିନ୍ତା, ସତ୍ ଅଭ୍ୟାସ, ସତସଙ୍ଗ ଦ୍ୱାରା ଦୁର୍ଗୁଣ ରହିବାକୁ ସ୍ଥାନ ପାଇବ ନାହିଁ । ଅନ୍ଧାରକୁ ଦୂର କରିବା ପାଇଁ ଆମ ସଂଗ୍ରାମ ନକରି କେବଳ ଆଲୋକ ପ୍ରଜ୍ୱଳନ କରିଦେଲେ ଛାଏଁ ଛାଏଁ ଅନ୍ଧକାର ଦୂର ହୋଇଯିବ । ସେହିଭଳି ସଦଗୁଣର ବିକାଶ ଦ୍ୱାରା ଛାଏଁ ଛାଏଁ ଏ ସମସ୍ତ ଦୁର୍ଗୁଣ ଦୂର ହୋଇଯିବେ । ହୃଦୟ ଶୁଦ୍ଧ ପବିତ୍ର ଏବଂ ନିର୍ମଳ ହୋଇଯିବ । ହୃଦୟରେ ଆତ୍ମ ଚେତନା ଜାଗ୍ରତ ହେବ । ପରମାତ୍ମା ସ୍ୱତଃ ପ୍ରକଟିତ ହେବେ । ସୃଷ୍ଟି ନିତ୍ୟ ପରିବର୍ତନଶୀଳ, ଅସ୍ଥାୟୀ । ସରିସରି ଆସୁଥିବା ଏହି ସଂସାରରେ ସୁଖ ନାହିଁ । ତେଣୁ ଶାସ୍ତ୍ର ଓ ଅନୁଭବୀ ମହାତ୍ମାମାନେ କହିଛନ୍ତି ସଂସାର ଅସାର, ଦୁଃଖାଳୟ ଅଶାଶ୍ୱତମ୍ । ଯାହା ସୁଖ ବୋଲି ଆଭାସ ହେଉଛି ତାହା ଆତ୍ମାର ପ୍ରକାଶ ମାତ୍ର । ଆତ୍ମ ନିତ୍ୟ ସତ୍ୟ ସୁନ୍ଦର ସନାତନ । ଆମେ ସମସ୍ତେ ଅଜର ଅମର ଆତ୍ମସ୍ୱରୂପ । ଏହି ଆତ୍ମାନୁଭବ ଆମ ସମସ୍ତଙ୍କର ଲକ୍ଷ୍ୟ । ଆତ୍ମା ସହିତ ନିତ୍ୟଯୁକ୍ତ ହେବା । ଏଥିପାଇଁ ତିନିଗୋଟି ମାର୍ଗ ନିର୍ଦ୍ଦେଶ କରାଯାଇଛି । କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ । ବ୍ୟକ୍ତି ଆପଣା ଅନ୍ତଃବିଚାରର ଗୁଣଧର୍ମ ଅନୁସାରେ ସେହି ସେହି ଯୋଗକୁ ମାର୍ଗ ଭାବରେ ଗ୍ରହଣ କରିଥାଏ । ଯାହାର କର୍ମ ଯୋଗରେ ରୁଚି ସେ ସର୍ବାନ୍ତକରଣରେ ଅନ୍ୟ ମାନଙ୍କ ସେବାରେ ନିଜକୁ ବିନିଯୋଗ କରି ସମର୍ପିତ ଭାବରେ ସେବା କରିବ । ଯାହାର ଜ୍ଞାନଯୋଗରେ ରୁଚି ସେ ସ୍ୱୟଂ ସଂସାରରୁ ଅନାସକ୍ତ ରହି ସ୍ୱସ୍ୱରୂପରେ ମଗ୍ନ ରହିବ । ଜଣେ ଭକ୍ତର ଆଧାର ହେଉଛି ସେବା ଆଉ ସମର୍ପଣ । ଭଗବାନ ମୋର ଆଉ ମୁଁ ତାଙ୍କର । ସମ୍ପୂର୍ଣ୍ଣ ସମର୍ପିତ ହୋଇ ଅନନ୍ୟ ଚିତରେ ପ୍ରଭୁଙ୍କ ସେବା କରିବା ଭକ୍ତିଯୋଗ । ଏହି ସମସ୍ତ ଯୋଗର ମାନଦଣ୍ଡ ହେଉଛି ବୈରାଗ୍ୟର ମାପଦଣ୍ଡରେ ଅଧିକାରୀର ଅଧିକାର ସାବ୍ୟସ୍ତ ହୋଇଥାଏ । ଭଗବାନ ପରମ ଦୟାଳୁ । ଆପଣା ପ୍ରତିଭୂ ଭାବରେ ସେ ମଣିଷକୁ ଶ୍ରେଷ୍ଠକରି ଗଢ଼ିଛନ୍ତି । ମଣିଷ ଭିତରେ ପରିପୂର୍ଣ୍ଣ ହେବାର ଅମାପ ଶକ୍ତି ପ୍ରଦାନ କରିଛନ୍ତି । ଏହି ଶକ୍ତି ତିନିଗୋଟି ଭାବରେ ମଣିଷ ହୃଦୟରେ ପ୍ରକାଶିତ ହୋଇଛି – ସେ ସବୁ ହେଲେ – କରିବା ଶକ୍ତି, ଜାଣିବା ଶକ୍ତି ଓ ମାନିବା ଶକ୍ତି । ଅନ୍ୟ ଭାବରେ ଏହା ବଳ, ଜ୍ଞାନ ଓ ବିଶ୍ୱାସ । ନିଃସ୍ୱାର୍ଥ ସେବା କରିବା ପାଇଁ ବଳ, ଆପଣା ସ୍ୱରୂପକୁ ଜାଣିବା ହେଉଛି ଜ୍ଞାନ ଏବଂ ମୁଁ ଭଗବାନଙ୍କର ଓ ଭଗବାନ ମୋର ଗଭୀର ବିଶ୍ୱାସର ସହିତ ଏହା ମାନି ସମର୍ପିତ ହୋଇଯିବା ହେଉଛି ଭକ୍ତି । ଶ୍ରଦ୍ଧା, ବିଶ୍ୱାସ ଓ ବୈରାଗ୍ୟ ଆଧାରରେ ଆପଣା ରୁଚି ଅନୁସାରେ ଈଶ୍ୱରଙ୍କ ସହିତ ଯୋଗଯୁକ୍ତ ହେବା ହେଉଛି ଆନନ୍ଦମୟ ସଫଳ ଜୀବନ । ଏହିଥିରେ ଜୀବନର ପରମ ସାର୍ଥକତା ଓ ସର୍ବ ଜିଜ୍ଞାସାର ପରିସମାପ୍ତି ।

# ସୁରଞ୍ଜନଙ୍କ ଡାଏରି : ଅତିବଡ଼ୀଙ୍କ ପଦ ଚିହ୍ନ

## ଧନଞ୍ଜୟ ସ୍ୱାଇଁ

ବର୍ଷା ପାଗ ଯୋଗୁଁ ଆକାଶରେ ଭୋଦେଇ ମେଘର ପଟୁଆର ଲାଗିଥିଲା । ପୁରୀ-ବ୍ରହ୍ମଗିରି ରାସ୍ତାରେ କପିଳେଶ୍ୱରପୁର ଗଲାବେଳେ ଚାରିପାଖର ସବୁଜ ଧାନ କିଆରିକୁ ଛୁଇଁ ଯାଉଥିଲା ମନ୍ଦମନ୍ଦ ପବନର ଲହର । କପିଳେଶ୍ୱରପୁର ହେଉଛି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମ ସ୍ଥଳୀ । ଗାଁ ମୁଣ୍ଡ ସ୍ୱାଗତ ତୋରଣ ଠାରୁ ପାଚଂ କିଲୋମିଟର ଭିତରକୁ ଲମ୍ବି ଯାଇଛି ପିଚୁ ସଡ଼କଟିଏ, ଅଜଗରର ପିଠି ପରି । ସେହି ରାସ୍ତାର ଦୁଇ ପାର୍ଶ୍ୱରେ ସୁନ୍ଦର ପଦ୍ମ ପୋଖରୀ । ଗାଁର ମଝି ଦାଣ୍ଡ ନାରିକେଳ ବୃକ୍ଷ ଶୋଭିତ, ଉଚ୍ଚ ପିଣ୍ଡା ଓ ଘରଗୁଡ଼ିକ କାନ୍ଥରେ ଭାଗବତର ଅମୃତ ବାଣୀଗୁଡ଼ିକ ଲିପିବଦ୍ଧ । ସୁରଞ୍ଜନ ଗାଁ ଦାଣ୍ଡରେ ବୁଲିଲା ବେଳେ ପଢୁଥିଲେ: "ମୁଁ ଯାକୁ ହୁଅଇ ସଦୟ ଜ୍ଞାନ ତା' ହୃଦରୁ ଉଦୟ ମୋହର ନହେଲେ କରୁଣା ବ୍ରହ୍ମା ଶଙ୍କର ବାଟବଣା ।" ୧୪୩୫ ଖ୍ରୀଷ୍ଟାବ୍ଦରେ ଗଜପତି ରାଜା କପିଳେନ୍ଦ୍ର ଦେବ କାନ୍ୟକୁବ୍ଜରୁ ଚାରି ଶହ ବ୍ରାହ୍ମଣ ଆଣି ପୁରୁଷୋତମ କ୍ଷେତ୍ରର ଅନତି ଦୂରରେ ଚାରିଟି ପଡ଼ାରେ ବସାଇଥିଲେ । ତାହା ସେବେଠାରୁ କପିଳେଶ୍ୱର ପୁର ନାମରେ ଆଜି ଯାଏଁ ରହିଛି । ଏହା ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକର ଏକ ବୃହତ୍ ଗ୍ରାମ ପଚାଂୟତ ମଧ୍ଯ । ଗାଁର ମଧ୍ଯ ସ୍ଥଳରେ ଅବସ୍ଥିତ ଜଗନ୍ନାଥ ଦାସଙ୍କ ସ୍ମୃତି ପୀଠ, ଯେଉଁଠାରେ ପ୍ରତ୍ୟହ ଭାଗବତ ପାଠ କରାଯାଏ । କିଂବଦନ୍ତି ଅନୁସାରେ ମୋଗଲ ଆକ୍ରମଣରୁ ରକ୍ଷା କରିବା ପାଇଁ ଭାର୍ଗବୀ କୂଳରେ ଅବସ୍ଥିତ ଏହି ଗାଁକୁ ଦୋବନ୍ଧା ଘାଟ ଦେଇ ଜଗନ୍ନାଥଙ୍କୁ ଅଣାଯାଇ ପଚଂମୁଖୀ ମନ୍ଦିରରେ ଗୋପନରେ ରଖାଯାଇଥିଲା । ସେ ଦିନ ଅତିବଡ଼ୀଙ୍କ ପଦଚିହ୍ନର ଅନୁସରଣରେ ସୁରଞ୍ଜନ ପହଚିଂଥିଲେ ପୁରୀ ବାସେଳି ସାହିସ୍ଥିତ ବଡ଼ ଓଡ଼ିଆ ମଠରେ ! ଜୀର୍ଣ୍ଣ ଓଡ଼ିଆ ମଠର ୧୪ତମ ମଠାଧୀଶ ବଂଶୀଧର ଦାସ ଗୋସ୍ୱାମୀ ତାଙ୍କୁ ଦେଖାଇଥିଲେ ଏକ ମାଟି ଘରେ କାନ୍ଥରେ ଅଙ୍କା ଜଗନ୍ନାଥଙ୍କ ଛବି ଓ କହିଥିଲେ ଅତିବଡ଼ୀଙ୍କୁ ନେଇ କିଛି କିଂବଦନ୍ତି । ଜଣେ ବ୍ୟବସାୟୀ ଏକ ଚନ୍ଦନ କାଠ ଗଜପତିଙ୍କୁ ଉପହାର ସ୍ୱରୂପ ଦିଅନ୍ତେ, ତାକୁ ଘୋରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିବାର କାର୍ଯ୍ୟ ଗଜପତି ମହାରାଜ ଜଗନ୍ନାଥ ଦାସଙ୍କୁ ଦେଇଥିଲେ । ସେଦିନ ଚନ୍ଦନ କାଠଟିକୁ ଘୋରିବା ପରେ ଘୋରା ଚନ୍ଦନକୁ ଜଗନ୍ନାଥ ଦାସ ମଠର କାନ୍ଥରେ ବୋଳି ଦେଇଥିଲେ । ଏହା ଶୁଣି ଗଜପତି ତାଙ୍କୁ ଡକାଇ ଏପରି କରିବାର କାରଣ ପଚାରନ୍ତେ, ଜଗନ୍ନାଥ ଦାସ କହିଥିଲେ ଯେ ସେ ରାତ୍ରିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତାହା ଲାଗି କରାଇଛନ୍ତି । ତାହା ଥିଲା ରଥଯାତ୍ରା ସମୟ । ରାଜା ଖବର ନେଇ ଜାଣିବାକୁ ପାଇଲେ ଯେ ଗୁଣ୍ଡିଚା ମନ୍ଦିରରେ ଥିବା ମହାପ୍ରଭୁ ଚନ୍ଦନର ସୁରଭିରେ ମହକି ଯାଉଛନ୍ତି । ଗଜପତି ଏହା ଶୁଣି ଅତିବଡ଼ୀଙ୍କ ଚରଣ ବନ୍ଦନା କରିଥିଲେ । ପ୍ରତି ବର୍ଷ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ସେବା ଏହି ବଡ଼ ଓଡ଼ିଆ ମଠ ଦ୍ୱାରା ସଂପାଦିତ ହେଉଛି । ପୂର୍ବରୁ ଏହି ମଠର ନାମ ଥିଲା 'ରାଣୀ ମଠ' । ତେବେ, ଏଠାରେ ଜଗନ୍ନାଥ ଦାସ ଭାଗବତର କେତେକ ସ୍କନ୍ଦ ରଚନା କରିଥିବାରୁ ଏହାକୁ ଓଡ଼ିଆ ମଠ କୁହାଗଲା । ତା' ପରେ ସୁରଞ୍ଜନ ପହଚିଂଥିଲେ ସାତଲହଡ଼ି ମଠ ନିକଟରେ । ସେତେ ବେଳକୁ ସନ୍ଧ୍ୟା ଆଗତପ୍ରାୟ । କିଂବଦନ୍ତି ଅଛି ଯେ ବଡ଼ ଓଡ଼ିଆ ମଠର କୋଳାହଳମୟ ପରିବେଶ ଛାଡ଼ି ନିକାଚଂନରେ ସାଧନା କରିବାକୁ ଜଗନ୍ନାଥ ଦାସ ଏହି ସ୍ଥାନକୁ ବାଛିଥିଲେ । ତାଙ୍କ ସାଧନା ବଳରେ ସମୁଦ୍ର କୁଆଡ଼େ ସାତ ଲହଡ଼ି ପଛକୁ ଘୁଚଂ ଯାଇଥିଲା । ଏହି ନିକାଚଂନ ପରିବେଶରେ ସେ ରଚନା କରିଥିଲେ ଶ୍ରୀମଦ ଭାଗବତ । ଏହି ମଠ ସଂଲଗ୍ନ ଏକ କାଚ ଘର ଭିତରେ ସୁରକ୍ଷିତ ଅତିବଡ଼ୀଙ୍କ ସମାଧି ସ୍ଥଳ । ନିରକ୍ଷରା ବିଧବା ଜନନୀଙ୍କ ଅନ୍ତିମ ଅଭିଳାଷ ପୂରଣ ନିମନ୍ତେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ତାଙ୍କୁ ଶୁଣାଇଥିଲେ ଅତିବଡ଼ୀ । କେତେ କାହାଣୀ ଓ କିଂବଦନ୍ତି ଘେରି ରହିଛି ଏହି ମହାକବିଙ୍କୁ । ପରବର୍ତୀ କାଳରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର ବିଷୟ ସାବ୍ୟସ୍ତ କଲାବେଳେ ଏହି ମହାନ କୃତି ହୋଇଥିଲା ମୁଖ୍ୟ ଆଧାର । ଓଡ଼ିଆ ଭାଷାଭାଷୀ ଅଚଂଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ କାଳରେ ଯେଉଁ ଗ୍ରାମରେ ଭାଗବତ ଟୁଙ୍ଗିଟିଏ ଥିଲା, ସେ ଅଚଂଳକୁ ଓଡ଼ିଆ ଭାଷାଭାଷୀ ଅଚଂଳ ଭାବରେ ଗ୍ରହଣ କରାଯାଉଥିଲା । ସେ ଦିନ ଅତିବଡ଼ୀଙ୍କ ପଦଚିହ୍ନର ଅନୁସରଣ କରି ସୁରଞ୍ଜନ ଖୁବ୍ ତୃପ୍ତ ମନେ କରୁଥିଲେ । ଲେଉଟାଣି ବାଟରେ ସେ ଗୁଣୁଗୁଣାଉଥିଲେ: "କାଳ ଶରୀରୁ ଆତ୍ମା ଜାତ ସେ ନୁହେଁ ବିଷ୍ଣୁ ମାୟା ଗ୍ରସ୍ତ ସୁତ, ତନୟ, ଦାରା, ଦାସ ଏ ସର୍ବ ବିଜୁଳି ପ୍ରକାଶ ।" କପାଳରେ ହାତ ଯୋଡ଼ି ଅତିବଡ଼ୀଙ୍କୁ ପ୍ରଣାମ କଲେ ସେ ।

# ପରିବାର ବଦଳୁଛି

ମଣିଷ ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି ସମୟ କାହା ପାଇଁ ଅପେକ୍ଷା କରେ ନାହିଁ । ଯେଉଁ ଶିଶୁଟି ଦିନେ ମାଆଙ୍କ ଆଙ୍ଗୁଠି ଧରି ଚାଲିବା ଶିଖିଥିଲା, ଯେଉଁ ପିଲାଟି ବାପାଙ୍କ କାନ୍ଧରେ ବସି ଦୁନିଆ ଦେଖିଥିଲା, ଯେଉଁ ସନ୍ତାନର ଗୋଟିଏ ଛୋଟ ହସ ପାଇଁ ମାତାପିତା ନିଜର ଶତ ଦୁଃଖ ଭୁଲିଯାଉଥିଲେ, ସେହି ସନ୍ତାନ ଦିନେ ବଡ଼ ହୁଏ, ନିଜର ଘର କରେ, ନିଜର ସଂସାର ଗଢେ, ନିଜର କାମ, ନିଜର ଆକାଂକ୍ଷା ଓ ନିଜର ଦାୟିତ୍ୱ ମଧ୍ଯରେ ବ୍ୟସ୍ତ ହୋଇଯାଏ । ଏହା ଜୀବନର ସ୍ୱାଭାବିକ ପରିବର୍ତନ । କିନ୍ତୁ ଏହି ପରିବର୍ତନର ମଝିରେ ଗୋଟିଏ ପ୍ରଶ୍ନ ଆଜି ଆମ ସମାଜର ଦ୍ୱାରରେ ଆସି ଠିଆ ହୋଇଛି—ପରିବାରର ଆକାର ବଦଳିପାରେ, ଜୀବନଯାପନର ଧାରା ବଦଳିପାରେ, ସନ୍ତାନ ଦୂର ସହରକୁ କିମ୍ବା ବିଦେଶକୁ ଯାଇପାରେ, ଘରର ଚାରିକାନ୍ଥ ମଧ୍ୟରେ ଲୋକଙ୍କ ସଂଖ୍ୟା କମିପାରେ; କିନ୍ତୁ ମାତାପିତାଙ୍କ ପ୍ରତି ଦାୟିତ୍ୱ କ'ଣ ବଦଳିଯାଇପାରେ ? ଏହି ପ୍ରଶ୍ନର ଉନ୍ନର କେବଳ ଆଇନର ପୁସ୍ତକରେ ନାହିଁ, ଏହା ଆମ ମନରେ ରହିଛି । ଆଜିର ସମାଜ ଦ୍ରୁତ ଗତିରେ ବଦଳୁଛି । ଯୁକ୍ତ ପରିବାରର ସ୍ଥାନରେ ଛୋଟ ପରିବାର ବଢୁଛି । ଚାକିରି, ବ୍ୟବସାୟ, ଶିକ୍ଷା ଓ ଭଲ ଜୀବନର ସନ୍ଧାନରେ ଅନେକ ସନ୍ତାନ ନିଜ ଜନ୍ମସ୍ଥାନଠାରୁ ଦୂରକୁ ଯାଉଛନ୍ତି । ଗାଁର ଘରେ ବୃଦ୍ଧ ବାପା, ବୃଦ୍ଧ ମାଆ ଏକାକୀ ରହିଯାଉଛନ୍ତି । ସହରର ଉଚ୍ଚ ଅଟ୍ଟାଳିକାରେ ସନ୍ତାନ ନିଜ ଜୀବନ ଗଢୁଛି, କିନ୍ତୁ ଦୂର ଗାଁର ଗୋଟିଏ ଛୋଟ ଘରରେ ଦୁଇଟି ବୃଦ୍ଧ ଆଖି ଦ୍ୱାର ଆଡ଼କୁ ଚାହିଁ ରହୁଛି । ଏହି ଅପେକ୍ଷାର କୌଣସି ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରେ ନାହିଁ । ମାତାପିତା ଯେତେବେଳେ ଯୁବକ ଥିଲେ, ସେମାନେ ସନ୍ତାନର ଭବିଷ୍ୟତ ପାଇଁ ନିଜର ବର୍ତମାନକୁ ତ୍ୟାଗ କରିଥିଲେ । ପିଲାର ପଢ଼ା ପାଇଁ ନିଜ ଆବଶ୍ୟକତାକୁ ପଛକୁ ରଖିଥିଲେ । ପିଲାର ପୋଷାକ ପାଇଁ ନିଜ ପୋଷାକ ପୁରୁଣା କରିଥିଲେ । ପିଲାର ଚିକିତ୍ସା ପାଇଁ ନିଜର ସଚଂୟ ଖର୍ଚ୍ଚ କରିଥିଲେ । ପିଲାର ଭବିଷ୍ୟତ ପାଇଁ ନିଜର ସ୍ୱପ୍ନକୁ ବଳି ଦେଇଥିଲେ । ମାଆ ଅନେକ ରାତି ନିଦ ନଯାଇ ଅସୁସ୍ଥ ପିଲାର ମୁଣ୍ଡ ଆଉଁସିଥିଲେ । ବାପା ନିଜ ଶରୀରର କ୍ଳାନ୍ତିକୁ ଭୁଲି ପିଲାର ଆବଶ୍ୟକତା ପୂରଣ ପାଇଁ ଦିନରାତି ପରିଶ୍ରମ କରିଥିଲେ । ସେମାନଙ୍କ ଜୀବନର ଅନେକ ସୁଖ ସନ୍ତାନର ହସରେ ଲୁଚିଥିଲା । ସନ୍ତାନ ହସିଲେ ସେମାନେ ଖୁସି ହେଉଥିଲେ, ସନ୍ତାନ କାନ୍ଦିଲେ ସେମାନଙ୍କ ହୃଦୟ କାନ୍ଦୁଥିଲା । ଏହି ସମ୍ପର୍କକୁ କେବଳ ରକ୍ତର ସମ୍ପର୍କ କହିଲେ ଏହାର ଗଭୀରତାକୁ ଛୋଟ କରାଯିବ । ଏହା ତ୍ୟାଗର ସମ୍ପର୍କ, ଆଶ୍ରୟର ସମ୍ପର୍କ, ଭରସାର ସମ୍ପର୍କ । କିନ୍ତୁ ଆଜି ସେହି ମାତାପିତା ବୟସର ଶେଷ ପର୍ଯ୍ୟାୟରେ ପହଚିଂଲେ ତାଙ୍କ ଆବଶ୍ୟକତା ବଦଳିଯାଏ । ଛୋଟବେଳେ ପିଲାକୁ ଯେଉଁ ହାତ ଧରି ଚାଲିବା ଶିଖାଇଥିଲେ, ସେହି ହାତ ଏବେ ନିଜେ ଅନ୍ୟ ହାତର ସହାୟତା ଖୋଜେ । ଯେଉଁ ଆଖି ଦିନରାତି ସନ୍ତାନକୁ ଦେଖିଥିଲା, ସେହି ଆଖି ଏବେ ଧୀରେ ଧୀରେ ଦୁର୍ବଳ ହୁଏ । ଯେଉଁ ପାଦ ସନ୍ତାନ ପାଇଁ ଦୂର ଦୂରାନ୍ତ ଚାଲିଥିଲା, ସେହି ପାଦ ଏବେ ଘରର ଦୁଆର ପର୍ଯ୍ୟନ୍ତ ଯିବାରେ ମଧ୍ଯ କଷ୍ଟ ପାଏ । ଏହି ସମୟରେ ମାତାପିତାଙ୍କୁ ସବୁଠାରୁ ଅଧିକ ଦରକାର କେବଳ ଧନ ନୁହେଁ; ଦରକାର ମଣିଷର ସାଥ, ଦୁଇଟି ମିଠା କଥା, ଅଳ୍ପ ସମୟ, ନିଜ ଲୋକଙ୍କ ଉପସ୍ଥିତି ଓ ଏହି ଭରସା—'ତୁମେ ଏକା ନୁହଁ ।' ଏଠି ଆମ ସମାଜର ସବୁଠାରୁ ବଡ଼ ପରୀକ୍ଷା । ଆମେ ଅର୍ଥନୈତିକ ଉନ୍ନତିର କଥା କହୁଛୁ, ନୂଆ ଘରର କଥା କହୁଛୁ, ଉଚ୍ଚ ଶିକ୍ଷାର କଥା କହୁଛୁ, ଦୂର ଦେଶର ଚାକିରିର କଥା କହୁଛୁ; କିନ୍ତୁ ଘରର ଗୋଟିଏ କୋଠରୀରେ ନିରବରେ ବସିଥିବା ବୃଦ୍ଧ ମାଆଙ୍କ ଏକାକୀପଣ ବିଷୟରେ କେତେ ଭାବୁଛୁ ? ବାପାଙ୍କ ଔଷଧ ଖାଇବା ସମୟ ମନେ ରଖୁଛୁ କି ? ମାଆଙ୍କ ଆଖି ଦୁର୍ବଳ ହୋଇଯାଇଛି କି ନାହିଁ ପଚାରୁଛୁ କି ? ବାପା ଦିନକୁ କାହା ସହ କଥା ହେଉଛନ୍ତି ବୋଲି ଜାଣିବାକୁ ଚେଷ୍ଟା କରୁଛୁ କି ? ଘରର ଦୁଆର ଖୋଲି ଆମକୁ ଅପେକ୍ଷା କରୁଥିବା ଲୋକଟିର ମନରେ କ'ଣ ଚାଲିଛି, ଏହା ଜାଣିବାର ସମୟ ଆମ ପାଖରେ ଅଛି କି ? ଏହି ପ୍ରଶ୍ନଗୁଡ଼ିକ ଅସୁବିଧାଜନକ ହୋଇପାରେ, କିନ୍ତୁ ସମାଜର ଆଇନା ସବୁବେଳେ ସୁନ୍ଦର ଚିତ୍ର ଦେଖାଏ ନାହିଁ । କେତେକ ପରିବାରରେ ବୃଦ୍ଧମାନେ ଅବହେଳିତ ହେଉଛନ୍ତି, କେତେକ ପରିବାରରେ ସେମାନଙ୍କ ମତାମତକୁ ଅମୂଲ୍ୟ କରାଯାଉଛି, କେତେକ ପରିବାରରେ ସମ୍ପନ୍ତିକୁ ନେଇ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି, ଆଉ କେତେକ ସ୍ଥାନରେ ବୃଦ୍ଧ ମାତାପିତା ନିଜ ଘରରେ ମଧ୍ଯ ନିଜକୁ ଅତିଥି ଭଳି ଅନୁଭବ କରୁଛନ୍ତି । ଏହାକୁ ସମସ୍ତ ସନ୍ତାନଙ୍କ ଚିତ୍ର ବୋଲି କହିବା ଅନ୍ୟାୟ ହେବ । ଅନେକ ସନ୍ତାନ ଦୂରରେ ରହିଲେ ମଧ୍ଯ ନିଜ ମାତାପିତାଙ୍କ ପ୍ରତି ଅତ୍ୟନ୍ତ ଯତ୍ନଶୀଳ । ଅନେକେ ନିୟମିତ ଭାବେ ଯୋଗାଯୋଗ କରନ୍ତି, ଚିକିତ୍ସାର ବ୍ୟବସ୍ଥା କରନ୍ତି, ଘରକୁ ଫେରନ୍ତି, ଆବଶ୍ୟକତାରେ ପାଖରେ ଠିଆ ହୁଅନ୍ତି । ତେଣୁ ସମସ୍ୟାର ମୂଳକୁ ବୁଝିବା ଦରକାର । ଆଜିର ଜୀବନ ଦ୍ରୁତ, ପ୍ରତିଯୋଗିତା ତୀବ୍ର, କାମର ଚାପ ଅଧିକ, ଜୀବିକା ପାଇଁ ସ୍ଥାନାନ୍ତରଣ ଅନେକ ସମୟରେ ଅନିବାର୍ଯ୍ୟ । କିନ୍ତୁ ଦୂରତା ଓ ଅବହେଳା ଏକ କଥା ନୁହେଁ । ଦୂରେ ରହିବା ଭାଗ୍ୟର ପରିଣାମ ହୋଇପାରେ, କିନ୍ତୁ ମନରୁ ଦୂରେଇଯିବା ଏକ ସାମାଜିକ ଓ ମାନବିକ ପ୍ରଶ୍ନ । ଜଣେ ସନ୍ତାନ ହଜାର କିଲୋମିଟର ଦୂରରେ ଥାଇ ମଧ୍ଯ ପ୍ରତିଦିନ ମାଆଙ୍କୁ ପଚାରିପାରେ—'ଖାଇଲୁ କି ?' ବାପାଙ୍କୁ କହିପାରେ—'ଆଜି କେମିତି ଅଛ ?' ଔଷଧ ଆଣିଦେବାର ବ୍ୟବସ୍ଥା କରିପାରେ, ପଡ଼ଶୀଙ୍କୁ ଖବର ନେବାକୁ କହିପାରେ, ସମୟ ମିଳିଲେ ଘରକୁ ଯାଇପାରେ । ଏସବୁ ବଡ଼ ତ୍ୟାଗ ନୁହେଁ; ଏଗୁଡ଼ିକ ସମ୍ପର୍କକୁ ବଚାଂଇ ରଖିବାର ଛୋଟ ଛୋଟ ଉଦ୍ୟମ । ଆଜି ଆମ ହାତରେ ଦୂରତା କମାଇବାର ଅନେକ ଉପାୟ ଅଛି, କିନ୍ତୁ କେବେ କେବେ ମନର ଦୂରତା ଏତେ ବଢ଼ିଯାଏ ଯେ ସମସ୍ତ ସୁବିଧା ଥାଇ ମଧ୍ଯ ଗୋଟିଏ ଫୋନ ହୁଏ ନାହିଁ । ଏହା ହିଁ ଆମ ସମୟର ବିଡ଼ମ୍ବନା । ଏକଦିନ ଯେଉଁ ମାଆ ନିଜ ସନ୍ତାନର ଛୋଟ ଛୋଟ କଥା ମନେ ରଖୁଥିଲେ, ସେହି ମାଆ ଏବେ ନିଜ ଜୀବନର କଥା କହିବା ପାଇଁ ଶ୍ରୋତା ଖୋଜୁଛନ୍ତି । ଏକଦିନ ଯେଉଁ ବାପା ପରିବାରର ସମସ୍ତ ସିଦ୍ଧାନ୍ତ ନେଉଥିଲେ, ସେହି ବାପା ଏବେ ନିଜ ଆବଶ୍ୟକତା କହିବାକୁ ମଧ୍ଯ ଲଜ୍ଜା କରୁଛନ୍ତି । ବୃଦ୍ଧାବସ୍ଥା ଶରୀରକୁ ଦୁର୍ବଳ କରେ, କିନ୍ତୁ ମନକୁ ଅଧିକ ସମ୍ବେଦନଶୀଳ କରିଦିଏ । ଏହି ସମୟରେ ଅଳ୍ପ ଅବହେଳା ମଧ୍ଯ ବଡ଼ ଆଘାତ ହୋଇପାରେ । ସନ୍ତାନ ହୁଏତ ଭାବେ—'ମୁଁ ତ ଟଙ୍କା ପଠାଉଛି, ମୋର ଦାୟିତ୍ୱ ସରିଗଲା ।' କିନ୍ତୁ ମାତାପିତାଙ୍କ ଆବଶ୍ୟକତା କେବଳ ଟଙ୍କାରେ ଶେଷ ହୁଏ ନାହିଁ । ମଣିଷର ଜୀବନରେ ଭୋଜନ ଯେତେ ଦରକାର, ସ୍ନେହ ମଧ୍ଯ ସେତେ ଦରକାର । ଔଷଧ ଯେତେ ଆବଶ୍ୟକ, ଆଶ୍ୱାସନ ମଧ୍ଯ ସେତେ ଆବଶ୍ୟକ । ଘର ଯେତେ ଦରକାର, ଘରର ମଣିଷର ଉପସ୍ଥିତି ମଧ୍ଯ ସେତେ ଦରକାର । ତେଣୁ ବୃଦ୍ଧ ମାତାପିତାଙ୍କ ଯତ୍ନକୁ କେବଳ ଅର୍ଥନୈତିକ ଦାୟିତ୍ୱ ଭାବିବା ଭୁଲ । ଏହା ଏକ ମାନବିକ ଦାୟିତ୍ୱ । ଏହି ଦାୟିତ୍ୱ କେବଳ ପୁଅର ନୁହେଁ, ଝିଅର ମଧ୍ଯ; କେବଳ ଜଣେ ସନ୍ତାନର ନୁହେଁ, ସମଗ୍ର ପରିବାରର । ଜଣେ ବୃଦ୍ଧଙ୍କୁ ସମ୍ମାନ ଦେବା ମାନେ ତାଙ୍କ ବୟସକୁ ସମ୍ମାନ ଦେବା, ତାଙ୍କ ଅନୁଭବକୁ ସମ୍ମାନ ଦେବା, ତାଙ୍କ ତ୍ୟାଗକୁ ସ୍ୱୀକାର କରିବା । ଆମେ ପ୍ରାୟତଃ ଯୁବକଙ୍କ ସ୍ୱପ୍ନକୁ ନେଇ କଥା କହୁଛୁ, କିନ୍ତୁ ବୃଦ୍ଧଙ୍କ ଅନୁଭବକୁ କେତେ ମୂଲ୍ୟ ଦେଉଛୁ ? ପରିବାରରେ ପିଢ଼ିମଧ୍ୟରେ ମତଭେଦ ହେବା ସ୍ୱାଭାବିକ । ନୂଆ ପିଢ଼ିର ଚିନ୍ତାଧାରା ଅଲଗା ହୋଇପାରେ, ପୁରୁଣା ପିଢ଼ିର ଅଭିଜ୍ଞତା ଅଲଗା ହୋଇପାରେ । କିନ୍ତୁ ମତଭେଦକୁ ଅସମ୍ମାନରେ ପରିଣତ କରିବା ଉଚିତ ନୁହେଁ । ଜଣେ ବୃଦ୍ଧ ବାପା ଯଦି ପୁରୁଣା ଧାରାର କଥା କହନ୍ତି, ତାଙ୍କୁ ଅଜ୍ଞାନ ବୋଲି ଅବହେଳା କରିବା ଠିକ ନୁହେଁ । ଜଣେ ବୃଦ୍ଧ ମାଆ ଯଦି ପୁରୁଣା ସ୍ମୃତି କହନ୍ତି, ତାହାକୁ ବୋଝ ବୋଲି ଦେଖିବା ଠିକ ନୁହେଁ । ସେହି ସ୍ମୃତିରେ ତାଙ୍କ ସମଗ୍ର ଜୀବନ ଲୁଚିଥାଏ । ଯେଉଁ ଘରରେ ପିଲାମାନେ ନିଜ ଜେଜେବାପା, ଜେଜେମାଆଙ୍କ ସହ ବଢ଼ନ୍ତି, ସେଠାରେ ପିଢ଼ିମଧ୍ୟରେ ଜ୍ଞାନ ଓ ଅନୁଭବର ଏକ ସୁନ୍ଦର ସେତୁ ତିଆରି ହୁଏ । ଗଳ୍ପ, ପରମ୍ପରା, ପରିବାରର ଇତିହାସ, ଜୀବନର ଶିକ୍ଷା— ଏସବୁ ପୁସ୍ତକରୁ ସବୁବେଳେ ଶିଖାଯାଏ ନାହିଁ । ଘରର ବୃଦ୍ଧମାନେ ଏହାର ଜୀବନ୍ତ ପାଠଶାଳା । ତେଣୁ ବୃଦ୍ଧମାନଙ୍କୁ ଘରର ଅତିରିକ୍ତ ଲୋକ ଭାବିବା ପରିବାରର ନିଜ ମୂଳକୁ ଭୁଲିଯିବା ସମାନ । ଆମ ସମାଜରେ 'ମାତାପିତାଙ୍କ ସେବା' ଏକ ମହାନ ମୂଲ୍ୟବୋଧ ଭାବେ ପରିଚିତ । କିନ୍ତୁ ମୂଲ୍ୟବୋଧ କେବଳ ପର୍ବପର୍ବାଣୀରେ ଉଚ୍ଚାରିତ ହେଲେ ହେବ ନାହିଁ; ଏହା ଦୈନନ୍ଦିନ ଜୀବନରେ ଦେଖାଯିବା ଦରକାର । ମାଆଙ୍କୁ ସମ୍ମାନ କରିବା ମାନେ କେବଳ ତାଙ୍କ ପାଦ ଛୁଇଁବା ନୁହେଁ; ସେ ଯେତେବେଳେ କଥା କହୁଛନ୍ତି, ଧୈର୍ଯ୍ୟର ସହ ଶୁଣିବା ମଧ୍ଯ ସମ୍ମାନ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







# ଜିଏମ୍ୟୁରେ 'ଓଡ଼ିଶାର ପରିବେଷଣ କଳା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ




ସମ୍ବଲପୁର,୨୭/୯(ନି/ପ୍ର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ର ଇଂରାଜୀ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ସହଯୋଗରେ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ 'ଓଡ଼ିଶାର ପରିବେଷଣ କଳା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମରେ ଅଧକ୍ଷତା କରି କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଓଡ଼ିଶାର ସମୃଦ୍ଧ ପରିବେଷଣ କଳା ଓ ପାରମ୍ପରିକ ଜ୍ଞାନର ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ଦସ୍ତାବିଜକରଣ ଓ ପ୍ରଦର୍ଶନ ପାଇଁ ଜିଏମ୍ୟୁରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ତଥା ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ରର ଅଧକ୍ଷା ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ସମ୍ମାନର ବିଷୟବସ୍ତୁ ଉପସ୍ଥାପନ କରିଥିଲେ।ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ପ୍ରଫେସର ଦୀପକ କୁମାର ବେହେରା ଏବଂ ସମ୍ମାନିତ ଅତିଥି ପ୍ରଫେସର ଜତୀନ୍ଦ୍ର କୁମାର ନାୟକ ଓ ପ୍ରଫେସର ଜଗନ୍ନାଥ ଦାଶ ବକ୍ତବ୍ୟ ରଖିଥିଲେ। ପରିବେଷଣ କଳା କ୍ଷେତ୍ରରେ ଅବଦାନ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଞ୍ଜିତ କୁମାର ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନର ବୈଷୟିକ ଅଧିବେଶନରେ ରାଜ୍ୟର ବିଭିନ୍ନ ଅଂଚଳର ଗବେଷକ, ଶିକ୍ଷାବିତ୍ ଓ କଳାସାଧକମାନେ ଓଡ଼ିଶାର ନାଟକ, ଲୋକନୃତ୍ୟ, ଲୋକଗୀତ, ରଙ୍ଗମଂଚ, ଜନଜାତୀୟ ପରମ୍ପରା ଏବଂ ଆନୁଷ୍ଠାନିକ ପରିବେଷଣ କଳା ଉପରେ ଆଲୋଚନା କରିଥିଲେ। ପ୍ରଫେସର ଭଗବାନ ସାହୁ, ଡ. ବସନ୍ତ କୁମାର ମହାନ୍ତ, ଆଶିଷ କୁମାର ବାସା, ଡ. ମେଘନୁର ମହାନ୍ତ, ବବିତା କୈଳାରୀ, ବିଭୂତି ଭୂଷଣ ମହାନ୍ତ, ଡ. ବାୟାମନୁ ଚର୍ଚ୍ଚି, ଡ. ଜତୀନ୍ଦ୍ର ନାଥ ବେଶ୍ରା, ଡ. ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ କୁମାର ସାହୁ, ଡ. ମୋହିତ କୁମାର ସ୍ୱାଇଁ, ଡ. ଅତୀଶ ଶତପଥୀ, ଜଗଦାନନ୍ଦ ବେହେରା ଓ ଡ. ସତ୍ୟନାରାୟଣ ଠାକୁର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ



ସମ୍ବଲପୁର,୨୭/୯(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ସମାପନ ହୋଇଯାଇଛି । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବରେ ଜାତୀୟ ସେବା ଯୋଜନାର ସମ୍ବଲପୁର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ତଥା ମହୁଲପାଲି ସ୍ଥିତ ପାର୍ବତୀ ଗିରି ସ୍ନାତକ ମହାବିଦ୍ୟାଳୟର ଅଧାପକ ଶାନ୍ତନୁ କୁମାର ପ୍ରଧାନ ଯୋଗଦାନ କରି ଜାତୀୟ ସେବା ଯୋଜନାଦ୍ୱାରା ଦେଶ ଗଠନର ବହୁମୁଖୀ ସେବା କାର୍ଯ୍ୟକ୍ରମ ବିଷୟ ସବିଶେଷ ଅବଗତ କରାଇଥିଲେ । ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ସଂଧ୍ୟାମୟୀ ସାହୁ ଦିବସର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅବଗତ କରାଇଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧାପକ ମିହିର କୁମାର ଥାଟୀ ଅତିଥି ପରିଚୟ ପ୍ରଦାନ ଏବଂ ଡ. ସୂର୍ଯ୍ୟକାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପିକା ବିଜୟଲକ୍ଷ୍ମୀ ବରିହା , ଯୁକ୍ତ ଦୁଇ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିପ୍ରିୟା ଗୌଡ଼, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ ଘନଶ୍ୟାମ ଗୁରାଣ୍ଡି ପ୍ରମୁଖ ଏଥିରେ ସହାୟତା କରିଥିଲେ । ଅଧକ୍ଷା ପ୍ରଫେସର ମେହେର ନବାଗତା ସ୍ୱେଚ୍ଛାସେବୀ ମାନଙ୍କୁ ବ୍ୟାଚ ଓ ସ୍କାର୍ଫ ପ୍ରଦାନ କରିଥିଲେ । ଦିବସ ପାଳନ ଅବସରରେ ଛାତ୍ରୀ ସ୍ମିତା ପ୍ରଜ୍ଞା ତ୍ରିପାଠୀ ଓ ପ୍ରଜ୍ଞାଶ୍ରୀ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳିତ




ସମ୍ବଲପୁର,୨୭/୯(ନି/ପ୍ର): ଜମନକିରା ବ୍ଲକ ଅନ୍ତର୍ଗତ ଫାସିମାଲ ଆଂଚଳିକ ଜୁନିଅର କଲେଜରେ ମେରା ଯୁବା ଭାରତ, ସମ୍ବଲପୁର ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ତାଙ୍କ ଜୀବନ, ଆଦର୍ଶ ଓ ଚିନ୍ତାଧାରା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଶ୍ରୀମତୀ ଜ୍ୟୋସ୍ନାରାଣୀ ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚନ୍ଦନିମାଲ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଭୁବନେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଜୀବନ ଓ ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଅଧାପକ ରଞ୍ଜନ କୁମାର ଭଇଁସା ସଭା ପରିଚାଳନା କରିଥିଲେ। ଶେଷରେ ଅଧାପକ ରୁଦ୍ର ନାରାୟଣ ମିଶ୍ର ଉପସ୍ଥିତ ଅତିଥି, ଅଧାପକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମେରା ଯୁବା ଭାରତର ଜାତୀୟ ଯୁବ ସ୍ୱେଚ୍ଛାସେବୀ ଯୋଗିନ୍ଦ୍ର ରୋହିଦାସ ଓ ସ୍ୱସ୍ତିକ ଶର୍ମା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଜିଲ୍ଲାସ୍ତରୀୟଖେଳକୁଦ ପ୍ରତିଯୋଗିତା

ଝାରସୁଗୁଡା,୨୭/୯(ନି/ପ୍ର): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଝାରସୁଗୁଡା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହର ଜିଲ୍ଲା ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗର୍ତିଆ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ଘୋଷଣା କରିଥିବା ବେଳେ ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, କିରମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ସମେତ ଅନ୍ୟନ୍ୟ ଅଥିତି ଉପସ୍ଥିତ ଥିଲେ। ୫ଗୋଟି ବ୍ଲକ ରୁ ବଛା ବଛା ମୋଟ ୧୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ରା ବିଭିନ୍ନ ବିଦ୍ୟାଳୟରୁ ୭୦ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ । ଏଥି ମଧ୍ୟରୁ ମୋଟ ୨୫ ଜଣ ପ୍ରତିଯୋଗୀ ରାଜ୍ୟ ସ୍ତର ପାଇଁ ମନୋନୀତ ହୋଇ ୩ ଅକ୍ଟୋବରରେ କୋରାପୁଟରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି ।

# ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ସମବାୟ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ




ସମ୍ବଲପୁର,୨୭/୯(ନି/ପ୍ର):ରାଜ୍ୟରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଏବଂ ଚାଷୀ ତଥା ସାଧାରଣ ଲୋକଙ୍କ ଆର୍ଥିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜଧାନୀ ଭୁବନେଶ୍ୱରରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ 'ସମ୍ବନ୍ଧ' ଅଭିଯାନର ଶୁଭାରମ୍ଭ କରିବା ସହ ସମ୍ବଲପୁର ଜିଲ୍ଲାର ବହୁବିଧ ସମବାୟ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାର କୃଷି ଓ ସମବାୟ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୭ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବୀରସିଂହଗଡ଼ ସେବା ସମବାୟ ସମିତି ଏବଂ କେଶାପାଲି ସେବା ସମବାୟ ସମିତିର ଧାନ କ୍ରୟ କେନ୍ଦ୍ର ଭିତ୍ତିଭୂମି ସ୍ଥାପନ କରାଯାଇଛି। ଏହା ସହିତ ବିଶ୍ୱର ସର୍ବବୃହତ ଶସ୍ୟାଗାର ଯୋଜନାରେ ରେଢ଼ାଖୋଲ ଅନ୍ତର୍ଗତ ବାଟଗାଁ ପ୍ୟାକ୍ସଠାରେ ଗୋଦାମ ଗୃହ ନିର୍ମାଣର ଶୁଭାରମ୍ଭ ହେବା ସହ କିସିଣ୍ଡା ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ, ଏବଂ କେଶାଇବାହାଲ ଓ ପାରୁଆଭାଟିଠାରେ ବୃହଦାକାର ବହୁମୁଖୀ ଆଦିବାସୀ ସମବାୟ ସମିତିର ନୂତନ କାର୍ଯ୍ୟାଳୟ ତଥା ଗୋଦାମ ଗୃହର ଶୁଭ ଉଦ୍‌ଘାଟନ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିଜ ବକ୍ତବ୍ୟରେ କହିଥିଲେ ଯେ ଜିଲ୍ଲାରେ ପ୍ରାୟ ୮ ଲକ୍ଷ ଭୋଟର ଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୧ ଲକ୍ଷ ୬୦ ହଜାର ଲୋକ ସମବାୟ ସମିତିର ସଦସ୍ୟ ରହିଛନ୍ତି। ତେଣୁ 'ସମର୍ଥ' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ପହଚିଂ ସଦସ୍ୟତା ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ପୁଞ୍ଜି ଅଭାବରୁ ଯେପରି କୌଣସି ଚାଷୀ କିମ୍ବା ଉଦ୍ୟୋଗୀ ବେସରକାରୀ ସାହୁକାରଙ୍କ ଦ୍ୱାରସ୍ଥ ନ ହୁଅନ୍ତି, ସେଥିପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ ଜରିଆରେ ସୁଲଭ ଋଣ, ସାର, ବିହନ ଏବଂ ଜଳସେଚନ ବ୍ୟବସ୍ଥା ଉପଲବ୍ଧ କରାଯିବ। ଆଗାମୀ ଦିନରେ ଏହି ସମିତିଗୁଡ଼ିକୁ ବହୁମୁଖୀ ସେବା କେନ୍ଦ୍ରରେ ପରିଣତ କରାଯିବ ବୋଲି ପ୍ରକାଶ କରିବା ସହ ଜିଲ୍ଲାର ସମସ୍ତ ଚାଷୀ, ଯୁବବର୍ଗ ଓ ମହିଳାମାନଙ୍କୁ ସମବାୟ ସମିତିର ସଦସ୍ୟତା ଗ୍ରହଣ କରି ସରକାରୀ ସୁବିଧାର ଲାଭ ଉଠାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବୈଠକରେ ସମ୍ବଲପୁର ସାସଂଦଙ୍କ ପ୍ରତିନିଧି ନାଉରି ନାୟକ, ବିଧାୟକ ସମ୍ବଲପୁରଙ୍କ ପ୍ରତିନିଧି ସମୀର ବାବୁ, ଡିଆରସିଏସ ଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ସୁରକ୍ଷା ଓ ଘରୋଇ ହିଂସା ଯୌତୁକ ନିଷେଧ ସମ୍ବନ୍ଧୀୟ ସଚେତନତା ଶିବିର

ଜୟପୁର,୨୭/୯(ନି/ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ, ଦିଗାପୁଟ ଠାରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଅଧକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସଚିବ ତଥା ବିଚାରପତି ପ୍ରଦ୍ୟୋମୟୀ ସୁଜାତା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ କଲ୍ୟାଣ କମିଟି କୋରାପୁଟ ଅଧକ୍ଷା ଡ.ବି ଗାୟତ୍ରୀ ଦେବୀ, ଆଇ.ଆଇ.ସି ବୈପାରିଗୁଡା, ଶ୍ରୀ ଲକ୍ଷ୍ମୀନାରାୟଣ ମୁଦୁଲି, ସାଇବର ସେଲ୍ ଇନ୍ସପେକ୍ଟର, କୋରାପୁଟ, ଶ୍ରୀ ଏନ.ଶିବା, ଜିଲ୍ଲା ଆଇନ ସେବାପ୍ରାଧିକରଣ ଆଇନଜିବୀ ହରିଶ୍ଚ ଚନ୍ଦ୍ର ମୁଦୁଲି, ଶ୍ରୀ କେ ଦିବାକର ରାଓ, ଯୋଗ ଦେଇଥିଲେ। ତା ସହିତ ସରକାରି ଉଚ୍ଚ ବିଦ୍ୟାଳୟ, ଦିଗାପୁର, ସହକାରୀ ପ୍ରଧାନ ଶିକ୍ଷକ ଶ୍ରୀ ଏଲ. ଶ୍ରୀନିବାସ ନାଇଡୁ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତିରେ ଛାତ୍ରଛାତ୍ରି ମାନଙ୍କୁ ସାଇବର ସେଲ ଅଧିକାରୀ ସଚେତନତା କରିଥିଲେ ଯେ ଅପରାଧୀମାନେ ନକଲି ଇମେଲ୍, ମେସେଜ୍ କିମ୍ବା ଫୋନ୍ କଲ୍ ବ୍ୟବହାର କରି ଲୋକମାନଙ୍କୁ ବ୍ୟକ୍ତିଗତ ବିବରଣୀ ସେୟାର କରିବାକୁ ପ୍ରତାରଣା କରନ୍ତି, ବା ବ୍ୟାଙ୍କ ପରି ବିଶ୍ୱସ୍ତ ଉତ୍ସ ବୋଲି ଛଳନା କରି ପାସୱାର୍ଡ, କ୍ରେଡିଟ୍ କାର୍ଡ ନମ୍ବର କିମ୍ବା ଲଗଇନ୍ କୋଡ୍ ଚୋରି କରିବା ସହିତ କୌଣସି ଡିଭାଇସକୁ କ୍ଷତି ପହଂଚାଇବା କିମ୍ବା ନିୟନ୍ତ୍ରଣ କରିବା ପାଇଁ କ୍ଷତିକାରକ ସଫ୍ଟୱେର୍ - ଯେପରିକି ଭାଇରସ୍, ଟ୍ରୋଜାନ୍, ସ୍ପାଏୱାୟାର ଏବଂ ୱର୍ମ -ର ବ୍ୟବହାର ଅନ୍ୟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସୂଚନା ଚୋରି କରିବା, ଯେପରିକି ସାମାଜିକ ସୁରକ୍ଷା ନମ୍ବର, ପରିଚୟ ପତ୍ର ବିବରଣୀ, କିମ୍ବା ଆର୍ଥିକ ଆକାଉଂଟ। ନକଲି ଅନଲାଇନ୍ ସପିଂ ସାଇଟ୍, ଫି ଆବଶ୍ୟକ କରୁଥିବା ନକଲି ଚାକିରି ପ୍ରସ୍ତାବ, କିମ୍ବା ଚୋରି ହୋଇଥିବା କ୍ରେଡିଟ୍ କାର୍ଡ ଡାଟା ମାଧ୍ୟମରେ ସିଧାସଳଖ ଲାଭ ପାଇବ ଇତ୍ୟାଦି ପ୍ରୋଲଭନ ଦେଖାଇ ଲୋକମାନଙ୍କୁ ଠକି ଦେଇଥାନ୍ତି। ତେଣୁ ଫେସବୁକ, ଇନଷ୍ଟାଗ୍ରାମ, ୱ୍ହାଟ୍‌ଆପ୍ ସୋସିଲ ମିଡିଆ ଇତ୍ୟାଦି ବ୍ୟବହାର କରିବା ପୂର୍ବରୁ ପ୍ରଥମେ ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି କହିଥିଲେ। ଏହା ବ୍ୟତୀତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଯୌତୁକ ନିରୋଧ ଆଇନ ଏକ କେନ୍ଦ୍ରୀୟ ଆଇନ ଯାହା ଭାରତରେ ଯୌତୁକ ଦେବା, ନେବା କିମ୍ବା ଦାବି କରିବା ଏକ ଫୌଜଦାରୀ ଅପରାଧ ଏହା ଯୌତୁକକୁ ବିବାହ ସମ୍ପର୍କରେ ବିବାହ ସମୟରେ, ପୂର୍ବରୁ କିମ୍ବା ପରେ ଯେକୌଣସି ସମୟରେ ଅନ୍ୟ ପକ୍ଷକୁ (କିମ୍ବା ସେମାନଙ୍କ ପିତାମାତା/ଅଭିଭାବକଙ୍କ ଦ୍ୱାରା) ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଦାନ କରାଯାଇଥିବା କିମ୍ବା ଦେବାକୁ ସମ୍ମତ ହୋଇଥିବା ଯେକୌଣସି ସମ୍ପତି କିମ୍ବା ମୂଲ୍ୟବାନ ସୁରକ୍ଷା ଭାବରେ ପରିଭାଷିତ କରେ।

# କଳାମଣ୍ଡଳ ପଡିଆରେ ବିଦ୍ୟାଭାରତୀର "ନମାମୀ ଭାରତମ୍" କାର୍ଯ୍ୟକ୍ରମ

ବଲାଙ୍ଗିର,୨୭/୯(ନି/ପ୍ର): ବଲାଙ୍ଗୀରସ୍ଥ କଳାମଣ୍ଡଳ ପଡିଆରେ ବିଦ୍ୟାଭାରତୀ ସଂସ୍ଥା, ବଲାଙ୍ଗୀର ଶାଖା ଆନୁକୁଲ୍ୟରେ "ନମାମୀ ଭାରତ" କାର୍ଯ୍ୟକ୍ରମ ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ଶ୍ରୀମୟୀ ପଣ୍ଡା, ଦୀପନ୍ୱିତା ଦାଶ୍, ହର୍ଷିତା ସିଂ ଗାନ କରିଥିଲେ । ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କଦମପଡା ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିବା ବେଳେ ଛାତ୍ରୀ ବିଶାଖା ମେହେର, ପ୍ରଗତି ଦାଶ ସଂଯୋଜନା କରିଥିଲେ । ସଭାପତି ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ ବନ୍ଦେମାତରଂ ହୃଦୟର ସଙ୍ଗୀତ ହେଉ । ସଭାପତି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ୧୧ଘ. ସମୟରେ ସାମୁହିକ "ବନ୍ଦେ ମାତରଂ"ଗାନ ହୋଇଥିଲା । ଧନ୍ୟବାଦ ଅର୍ପଣ ରବୀନ୍ଦ୍ର ପଣ୍ଡା କରିଥିଲେ । ମଂଚାସୀନ ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ରବୀନ୍ଦ୍ର ପଣ୍ଡା, ରାମକୁମାର ମିଶ୍ର, ଦତାନନ୍ଦ ପଣ୍ଡା,ଓ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ । ଏହିପରି ପ୍ରଦୀପ ମେର୍ଲାଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସଂପୁର୍ଣ୍ଣ ହୋଇଥିଲା ।

# ରୋହିତ ପୂଜାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପୋଷ୍ଟକାର୍ଡ ଅଭିଯାନ



ସମ୍ବଲପୁର,୨୭/୯(ନି/ପ୍ର): ସମ୍ବଲପୁରବାସୀଙ୍କ ବିଭିନ୍ନ ଦାବି ଓ ମୌଳିକ ସମସ୍ୟା ମହାମହିମ ରାଷ୍ଟ୍ରପତିଙ୍କ ନିକଟରେ ପହଚାଂଇବା ଲକ୍ଷ୍ୟରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଦ୍ୱିତୀୟ ପର୍ଯ୍ୟାୟରେ ପୋଷ୍ଟକାର୍ଡ ଓ ଜନସଚେତନତା ଅଭିଯାନ କରିଛନ୍ତି। ୱାର୍ଡ ନମ୍ବର ୨୪ର କୁଞ୍ଜଲପଡ଼ାରେ ଘରକୁ ଘର ବୁଲି ସେ ଲୋକଙ୍କ ସମସ୍ୟା ଶୁଣିବା ସହ ପୋଷ୍ଟକାର୍ଡରେ ଦସ୍ତଖତ ସଂଗ୍ରହ କରିଥିଲେ।ଏଥିସହ କିଛି ସ୍ଥାନୀୟ ସମସ୍ୟା ସମ୍ପର୍କରେ ମହାନଗର କମିଶନରଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ଅଭିଯାନରେ ସମ୍ବଲପୁରରେ ଏମ୍ସ , ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଂଚ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା, ସ୍ୱଚ୍ଛ ପାନୀୟ ଜଳ, ଉନ୍ନତ ରାସ୍ତା, ଡ୍ରେନେଜ୍ ଓ ୨୪x୭ ବିଦ୍ୟୁତ୍ ଯୋଗାଣ ଭଳି ଦାବି ସାମିଲ ରହିଛି। କାର୍ଯ୍ୟକ୍ରମରେ ଦଳୀୟ ନେତା, ଯୁବ, ମହିଳା ଓ ଛାତ୍ର ନେତାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।

# ଧନୁପାଲି ଶିଶୁ ମନ୍ଦିରେ ବନ୍ଦେ ମାତରଂ ଓ ନମାମି ଭାରତମ ଅନୁଷ୍ଠିତ



ସମ୍ବଲପୁର,୨୭/୯(ନି/ପ୍ର): ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ବନ୍ଦେ ମାତରଂ ସାମୁହିକ ଗାନମ୍ ନମାମି ଭାରତମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପରିଚାଳନା ସମିତିର ସଭାପତି ଡ଼. ଦେବେନ୍ଦ୍ର ପଣ୍ଡା, ଜମନକିରା ମହାବିଦ୍ୟାଳୟର ଅଧାପକ ପ୍ରଫେସର ଡ଼.ବସନ୍ତ କୁମାର ଦାସ, ଉପସଭାପତି ଡାକ୍ତର ଝାଙ୍କର, ପରିଚାଳନା ସମିତି ସଦସ୍ୟା ରଞ୍ଜୁ ମିଶ୍ର, ଅନସୂୟା କର, ପୁଷ୍ପାଞ୍ଜଳି ମହାପାତ୍ର, ସଂକୁଳ ପ୍ରମୁଖ ପ୍ରମୋଦ ପାଢ଼ୀ, ଶିଶୁ ବାଟିକା ସଂଯୋଜକ ଲୋକନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଡ଼. ଦାସ ଦୀପ ପ୍ରଜ୍ୱଳନ କରି ନମାମି ଭାରତମ ଉଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପୂର୍ବ ଛାତ୍ର, ମାତୃଭାରତୀ, ଅଭିଭାବକ ଓ ଅଭିଭାବିକା ଗଣ ଉପସ୍ଥିତ ରହି ଗାନ କରିଥିଲେ। ଉତ୍ସବସ୍ଥଳୀ ଲୋକାରଣ୍ୟ ହୋଇଥିଲା।

# ବେଲପାହାଡ଼ ରେଳଷ୍ଟେସନ ନିକଟରୁ ୧୦ କେଜିରୁ ଅଧିକ ଗଞ୍ଜେଇ ଜବତ ଦୁଇ ମହିଳା ଗିରଫ

ଝାରସୁଗୁଡ଼ା,୨୭/୯(ନି/ପ୍ର): ଝାରସୁଗୁଡ଼ା ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ନିଶା ନିରୋଧୀ ଅଭିଯାନ 'ଦମନ' ଏବଂ 'ନଶାମୁକ୍ତ ଓଡ଼ିଶା ଅଭିଯାନ' ଅଧୀନରେ ବେଲପାହାଡ଼ ରେଳଷ୍ଟେସନ ନିକଟରୁ ୧୦.୧୭୪ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଛତିଶଗଡ଼ର ଦୁଇ ମହିଳାଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ବିଶ୍ୱସନୀୟ ସୂଚନା ଆଧାରରେ ବେଲପାହାଡ଼ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଏସ୍‌ଆଇ ପ୍ରୀତି ପ୍ରଭା କୁଲୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ବେଲପାହାଡ଼ ରେଳଷ୍ଟେସନ ନିକଟରେ ମରୁନ୍ ରଙ୍ଗର ବ୍ୟାକ୍ପ୍ୟାକ୍ ଧରି ଯାଉଥିବା ଦୁଇ ମହିଳାଙ୍କୁ ଅଟକାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସାକ୍ଷୀଙ୍କ ଉପସ୍ଥିତିରେ ବ୍ୟାଗ୍ ଯାଂଚ କରାଯିବାରୁ ସେଥିରୁ ୫ଟି ପ୍ୟାକେଟରେ ଥିବା ସନ୍ଦିଗ୍ଧ ଗଞ୍ଜେଇ ମିଳିଥିଲା। ଓଜନ କରାଯିବା ପରେ ଏହାର ନେଟ୍ ଓଜନ ୧୦.୧୭୪ କେଜି ବୋଲି ଜଣାପଡ଼ିଥିଲା। ପୁଲିସ ଗଞ୍ଜେଇ ସହ ଗୋଟିଏ ମରୁନ୍ ରଙ୍ଗର ବ୍ୟାକ୍ପ୍ୟାକ୍, ୫ଟି ଖାଲି ରାପର, ଆଡ୍‌ହେସିଭ୍ ଟେପ୍ ଏବଂ ୩୦୦ ଟଙ୍କା ନଗଦ ଜବତ କରିଛି। ଗିରଫ ଦୁଇ ମହିଳା ହେଲେ ଛତିଶଗଡ଼ ବିଳାସପୁର ଜିଲ୍ଲା ସିପାଟ ଥାନା ଅନ୍ତର୍ଗତ ମଟିଆରୀ ୱାର୍ଡ ନମ୍ବର ୧୪ ଶିକାରୀପାରାର ଲକ୍ଷ୍ମୀନ ମାଲିଆ (୪୭) ଏବଂ ସଲାନୁ ସିସୋଡିୟା (୩୧)। ଏନେଇ ବେଲପାହାଡ଼ ଥାନାରେ କେସ୍ ନମ୍ବର ୧୮୭, ତା. ୨୪/୯/୨୦୨୬, ଏନ୍ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ଇ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଉତ୍ସ ଓ ଏହା ପଛରେ ଥିବା ନେଟୱର୍କ ସମ୍ପର୍କରେ ଜାଣିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।




## ମାନବ-ବନ୍ୟପ୍ରାଣୀ ସହାବସ୍ଥାନକୁ ପ୍ରୋତ୍ସାହନ ପାଇଁ ରାଉରକେଲାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ



ରାଉରକେଲା,୨୭/୯(ନି/ପ୍ର): ବନ୍ୟପ୍ରାଣୀ ସଂରକ୍ଷଣ ସହ ଜଙ୍ଗଲ ସୁରକ୍ଷା ଏବଂ ମାନବ - ବନ୍ୟପ୍ରାଣୀ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ଆଜି ରାଉରକେଲାରେ ଏକ ସଚେତନତା ଶୋଭାଯାତ୍ରା ସହିତ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ-୨୦୨୬ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି । ଏହି ସଚେତନତା ରାଲିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ (ଜଉଉର) ରାମସ୍ୱାମୀ ପି, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ରାଉରକେଲା ଡିଏଫ୍‌ଓ ରବିକାନ୍ତ ମିନାଙ୍କ ସମେତ ବନ ବିଭାଗର ବରିଷ୍ଠ ବନ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଶୋଭାଯାତ୍ରା ଡିପ୍ଟୀ ହୋଟେଲ ଠାରୁ ଆରମ୍ଭ ହୋଇ ଇନ୍ଦିରା ଗାନ୍ଧୀ ପାର୍କ ଅଭିମୁଖେ ଯାତ୍ରା କରିଥିଲା । ପ୍ରାୟ ୧୫୦ ସ୍କୁଲ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଉତ୍ସାହର ସହିତ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରି ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସଂରକ୍ଷଣ ବିଷୟରେ ସଚେତନତା ବାଣ୍ଟିଥିଲେ । ଏହି ୭୨ତମ ମାନବ-ବନ୍ୟପ୍ରାଣୀ ସପ୍ତାହ ପାଳନର ଏକ ଅଂଶ ସ୍ୱରୂପ, ଆଜି ୨୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧୀ ପାର୍କରେ ଏକ ବନ୍ୟପ୍ରାଣୀ ସଚେତନତା ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଛି । ଯେଉଁଥିରେ ବନ୍ୟପ୍ରାଣୀ, ଜୈବ ବିବିଧତା ଏବଂ ବିଭିନ୍ନ ସଂରକ୍ଷଣ ପଦକ୍ଷେପ ପ୍ରଦର୍ଶିତ କରାଯାଉଛି । ପ୍ରଦର୍ଶନୀଟି ଜନସାଧାରଣଙ୍କ ପାଇଁ ଖୋଲା ରହିବା ସହିତ ଏଥିରେ ଜନସାଧାରଣ, ଛାତ୍ରଛାତ୍ରୀ ଏବଂ ପରିଦର୍ଶକମାନଙ୍କୁ ଭବିଷ୍ୟତ ପିଢ଼ି ପାଇଁ ଆମର ସମୃଦ୍ଧ ପ୍ରାକୃତିକ ଐତିହ୍ୟକୁ ଅନୁସନ୍ଧାନ, ଶିଖିବା ଏବଂ ସୁରକ୍ଷା କରିବାରେ ଯୋଗଦାନ ଦେବାକୁ ଆମନ୍ତ୍ରଣ କରାଯାଇଛି ।

## ସ୍ୱଚ୍ଛତା ହିଁ ସେବା - ୨୦୨୬: ଆରଏମସି ପକ୍ଷରୁ ତରକେରା ଧବଳେଶ୍ୱର ମନ୍ଦିରରେ ସମୂହ ସଫେଇ ଅଭିଯାନ



ରାଉରକେଲା,୨୭/୯(ନି/ପ୍ର): 'ସ୍ୱଚ୍ଛତା ହିଁ ସେବା - ୨୦୨୬', ସମୂହ ସଫେଇ ଅଭିଯାନରେ ଆଜି ରାଉରକେଲା ମହାନଗର ନିଗମ ପକ୍ଷରୁ ତରକେରା ଧବଳେଶ୍ୱର ଶିବ ମନ୍ଦିରରେ ସମୂହ ସଫେଇ ଅଭିଯାନ ଆରମ୍ଭ କରାଯାଇ, ମନ୍ଦିର ପରିସର ଏବଂ ଏହାର ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନତା କରାଯାଇଥିଲା । ସ୍ୱଚ୍ଛ ରାଉରକେଲା - ଆମ ପରିଚୟ, ସ୍ୱଚ୍ଛ ଭାରତ ବିକଶିତ ଭାରତ ସ୍ଲୋଗାନକୁ ନେଇ ଏହି ସମୂହ ସଫେଇ ଅଭିଯାନରେ ସ୍ୱଚ୍ଛତାରେ ସହଭାଗିତା କ୍ଷେତ୍ରରେ ସହଯୋଗ କରିଥିଲେ ତରକେରା ଧବଳେଶ୍ୱର ଶିବ ମନ୍ଦିର କମିଟି । ରାଉରକେଲା ମହାନଗର ନିଗମ ପକ୍ଷରୁ ସମୂହ ସଫେଇ ଅଭିଯାନରେ ସଫେଇ କାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଯୋଗଦେଇଥିଲେ ରାଉରକେଲା ମହାନଗର ନିଗମର ଉପ-ପୌରାୟୁକ୍ତ ଅନିତା ନାୟକ, ରଘୁନାଥପାଲ୍ଲୀର ପୂର୍ବତନ ବିଧାୟକ ତଥା ତରକେରା ଧବଳେଶ୍ୱର ଶିବ ମନ୍ଦିର କମିଟିର ସଭାପତି ରବି ଦେହୁରୀ, ତରକେରା ଧବଳେଶ୍ୱର ଶିବ ମନ୍ଦିରର ମୁଖ୍ୟ ପୂଜକ ବିରଞ୍ଚି ଦେହୁରୀ, ଅନିରୁଦ୍ଧ ସ୍ୱାଇଁ, ଅନୀଲ ସାହୁ, ଆରଏମସି ସଫେଇ ଇନିସପେକ୍ଟର ଏ. କେ. ଆଚାର୍ଯ୍ୟ, ଆରଏମସି ସଫେଇ ସୁପରଭାଇଜର ପ୍ରମୋଦ କୁମାର ସ୍ୱାଇଁ, ସଫେଇ କର୍ମୀ ଚନ୍ଦନ ରାଜ, ବୁଲୁ ମୁଖି, ଚିତ୍ରାଲକ୍ଷ୍ମୀ ସ୍ୱାଇଁ, ଧରିତ୍ରୀ ଦକ୍ଷିଣରାୟ, ବିଷ୍ଣୁପ୍ରିୟା ଦକ୍ଷିଣରାୟ ପ୍ରମୁଖ ।

## ଭୁଲକ୍ଷ୍ମୀ କୃଷକ ଉତ୍ପାଦନ ସମିତିର ବାର୍ଷିକ ବୈଠକ

ଜୟପୁର,୨୭/୯: କୋଲାବିରା ବ୍ଲକ ସୋଡାମାଲ ପଂଚାୟତ ରେଙ୍ଗାଲପାଲି ସ୍ଥିତ ମା ଭୂଲକ୍ଷ୍ମୀ କୃଷକ ଉତ୍ପାଦନ ସମବାୟ ସମିତିର ବାର୍ଷିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସମିତି ର ସଭାପତି ଚୈତନ ବାଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକଙ୍କୁ ଲାଲାରାମ ଛତ୍ରିଆ ପରିଚାଳନା କରିଥିଲେ । ଶିଖା କୁଅଁର ସମବାୟ ର ବିବରଣୀ ପାଠ କରିଥିଲେ । ସାମ୍ବାଦିକ ସୁମନ୍ତ ଶେଖର ବହିଦାର ଓ ସୁକାନ୍ତ ସାହୁ, ପ୍ରଦୀପ ସୁନା, ମତ୍ସ୍ୟ ବିଭାଗ ଅଧିକାରୀ ସାମ୍ୟଜିତ ଜେନା, କୃଷି ଉଦ୍ୟାନ ବିଭାଗ ଅଧିକାରୀ କାହ୍ନୁ ଚରଣ ସାହୁ, କୃଷି ପରିଦର୍ଶିକା ଭଗବତୀ ବାଇଗା, ସମିତି ର ଉପସଭାପତି ଗୀତାଞ୍ଜଳି ମାଟିଆରୀ,ସମ୍ପାଦିକା ବିଳାସିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ ଭୋଦୁଅ ଜହ୍ନ ଆୟୋଜିତ




ରାଉରକେଲା,୨୭/୯(ନି/ପ୍ର): ସ୍ଥାନୀୟ ସେକ୍ଟର -୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟ, ରାଉରକେଲାର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ 'ଭୋଦୁଅ ଜହ୍ନ' ଶୀର୍ଷକ ନବାଗତ ଛାତ୍ର-ଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଯାଇଅଛି । ଏହି ଆୟୋଜନରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଭାଗ ମୁଖ୍ୟା ରଶ୍ମିପ୍ରଭା ମଥାନ ସଭାପତିତ୍ୱ ଆସନ ଅଳଙ୍କୃତ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଭାରପ୍ରାପ୍ତ ଅଧ୍ୟକ୍ଷା ତଥା ଦର୍ଶନ ବିଭାଗର ମୁଖ୍ୟା ପ୍ରଫେସର ଭାରତୀ ବରୁଆ ଏବଂ ମଚାଂସୀନ ଥିଲେ ଓଡ଼ିଆ ବିଭାଗର ଅଧ୍ୟାପକବୃନ୍ଦ । ପ୍ରଥମେ ସଭାପତି ଶ୍ରୀମତୀ ମଥାନ ନିଜ ଅଭିଭାଷଣରେ ପ୍ରଥମ ବର୍ଷର ଛାତ୍ର-ଛାତ୍ରୀଙ୍କୁ ସ୍ୱାଗତ କରି ଜୀବନର ଲକ୍ଷ୍ୟ ହାସଲ କରିବା ସଂପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଶ୍ରୀମତୀ ବରୁଆ ନିଜ ବକ୍ତବ୍ୟରେ ଛାତ୍ର-ଛାତ୍ରୀଙ୍କୁ ଜୀବନ ଜିଇଁବାର କଳା ଶିଖାଇବା ସହ ବହୁ ଉତ୍ସାହପୂର୍ଣ୍ଣ ବାର୍ନ୍ତା ଦେଇଥିଲେ । ଅଧ୍ୟାପକ କରୁଣାକର ପାଢ଼ଶାଣୀ, ଅଧ୍ୟାପକ ପ୍ରୀତମ ସାମଲ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଛାତ୍ର- ଛାତ୍ରୀଙ୍କୁ ଆଶୀର୍ବଚନ ଦେବା ସହ ତାଙ୍କର ମାର୍ଗଦର୍ଶନ କରାଇଥିଲେ । ଏହି ସଭାରେ ଆୟୁସ୍ମିତା ପତି ଓ ପୂଜା ତିର୍କୀ ସଂଯୋଜିକା ଭାବରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ । ଅନୀମା ମୁଣ୍ଡା ଅତିଥୀମାନଙ୍କ ପରିଚୟ ଖୁବ୍ ନିଖୁଣ ଭାବରେ ପ୍ରଦାନ କରିଥିଲେ । ଏହା ସହ ଦ୍ୱିତୀୟ ଓ ତୃତୀୟ ବର୍ଷର କ୍ରିଷ୍ଣା ବାଗ, ବିକି ନାଗ୍, ପ୍ରୀତି ତିର୍କି, ଶ୍ରୁତି କୁମାର, ରାନୀ ବାଡା ଆଦି ଛାତ୍ର ଛାତ୍ରୀ ମାନେ ପ୍ରଥମ ବର୍ଷର ପିଲାମାନଙ୍କୁ ଉପଦେଶପୂର୍ଣ୍ଣ ବାକ୍ୟ ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହା ସହ ପ୍ରଥମ ବର୍ଷର ଛାତ୍ର-ଛାତ୍ରୀମାନେ ନିଜର ପରିଚୟ ଦେବା ସହ ନିଜର ରୁଚି ଓ ଜୀବନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କରିସ୍ମା ନାଏକ, ସଞ୍ଜନା ନାଏକ, ତପସ୍ୱିନୀ କେଲ୍ଛୁ, ଗାୟତ୍ରୀ ବେହେରା, ଗୀତାଞ୍ଜଳି ବେହେରା ଆଦି ଛାତ୍ରୀମାନେ ନୃତ୍ୟ ପରିବେଷଣ କରିବା ସହ ସିମି ଓରାମ, ବବି ଏକ୍କା ଆଦି ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ । ଶେଷରେ ଆରୁଷୀ ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ । ରାଉରକେଲା ପରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ଅରୁଣ ଟେଟେ, ସଞ୍ଜୁ ତିର୍କି, ସାହିଲ ପ୍ରଧାନ, ଗାୟତ୍ରୀ ବେହେରା, ଗୀତାଞ୍ଜଳି ବେହେରା, ବବି ଏକ୍କା, ସବିତା ଦତ, କଙ୍ଗନା ସ୍ୱାଇଁ, ମଙ୍ଗଳ ସିଂ ମୁଣ୍ଡାରୀ, ରୋହିତ୍ ବେବର୍ତ୍ତା, ସିଦ୍ଧାର୍ଥ ଏକ୍କା, ସରୋଜିନୀ ମହାଲିକ, ସାହିଲ ପ୍ରଧାନ, ନୀତିନ ମିଞ୍ଜ୍, ସହେମ୍ ବେନି, ଉମାକାନ୍ତି ଦଣ୍ଡସେନା , ପ୍ରାଚୀପ୍ରଭା ନାଏକ, ରୀତାରାଣୀ ଟପୋ, ଅଙ୍କିତା ବିଲୁଙ୍ଗ୍, ଆଲିଶା ମିଞ୍ଜ୍, ଅସ୍ମିତା କେର୍କେଟା, ଲକ୍ଷ୍ମୀ ମୁଣ୍ଡାରୀ, ସାହିଲ ନାଏକ, ପୂଜା ଦଳେଇ, ସୁରେନ୍ଦ୍ର ବେନିଆ ପ୍ରମୁଖ ଛାତ୍ର-ଛାତ୍ରୀ ସଂକଳ୍ପବଦ୍ଧ ହୋଇଥିଲେ ।

## ଓଡ଼ିଶା ନାଟ୍ୟସଙ୍ଘ ଦିବସ ପାଳିତ

ରାଉରକେଲା,୨୭/୯(ନି/ପ୍ର): ଓଡ଼ିଶା ନାଟ୍ୟସଙ୍ଘର ସୁନ୍ଦରଗଡ ଶାଖା ରାଉରକେଲା ଓ ଏକତ୍ର ରାଉରକେଲାର ସଦସ୍ୟମାନଙ୍କ ମିଳିତ ଉଦ୍ୟମରେ ପ୍ରୟାସ ନାଟଘର ସେକ୍ଟର -୧୫ଠାରେ ମହା ସମାରୋହରେ 'ଓଡିଶା ନାଟ୍ୟସଙ୍ଘ ଦିବସ' ପାଳିତ ହୋଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଟ୍ୟ ସଙ୍ଘର ନିରୀକ୍ଷକ ଆଲୋକ ବୋଷ ଓ ଜିଲ୍ଲା ସଂଯୋଜକ ପ୍ରଭାକର ପାତ୍ରଙ୍କ ନେତୃତ୍ୱରେ କଳାକାର ମାନଙ୍କର ଏକ ରଙ୍ଗାରଙ୍ଗ ନାଟ୍ୟ ପଦଯାତ୍ରା ସେକ୍ଟର-୧୫ଛକରୁ ପ୍ରୟାସ ନାଟଘର ଯାଏ ଅନୁଷ୍ଠିତ ହୋଇଥିଲା । ପରେପରେ ଯୁବ କଳାକାରମାନଙ୍କୁ ନେଇ ସ୍କିଟ ଏବଂ ଏକକ ଅଭିନୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସଂଧ୍ୟା ୭ ଘଟିକାରେ ନାଟ୍ୟସଙ୍ଘର ଉପଦେଷ୍ଟା ତଥା ନାଟ୍ୟକାର ପ୍ରଫେସର ଡକ୍ଟର ସମର ମୁଦାଲିଙ୍କ ସଭାପତିତ୍ୱରେ 'ଓଡ଼ିଆ ନାଟକ ଓ ଓଡିଶା ନାଟ୍ୟସଙ୍ଘ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଉପସ୍ଥିତ ରହି ଓଡିଶା ନାଟ୍ୟ ସଂଘ ର ଉପଦେଷ୍ଟା ତଥା ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର, ଏକତ୍ର ରାଉରକେଲାର ଉପଦେଷ୍ଟା ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀ, ଓଡ଼ିଶା ନାଟ୍ୟସଙ୍ଘର ପ୍ରାକ୍ତନ ନିରୀକ୍ଷକ ଶରତ ଦାସ, ବିଶିଷ୍ଟ ନାଟ୍ୟକାର ଡ କୃପାସିନ୍ଧୁ ନାୟକ, ଏକତ୍ରର ସଂପାଦକ ବିଜୟ ପାତ୍ର ପ୍ରମୁଖ ନିଜନିଜର ମତାମତ ଉପସ୍ଥାପନା କରି ନାଟ୍ୟ ସଂଘର ପ୍ରତିଷ୍ଠା, ବିଭିନ୍ନ କାର୍ଯ୍ୟକ୍ରମ ସହ ବିଭିନ୍ନ ନାଟ୍ୟକର୍ମୀ ମାନଙ୍କୁ ସଂଗଠିତ କରି ନାଟ୍ୟ କର୍ମଶାଳା ଆୟୋଜନ କରି ଗୁଣାତ୍ମକ ନାଟକ ପ୍ରଦର୍ଶନ କରିବା ସହିତ ପରିବର୍ତ୍ତିତ ପରିସ୍ଥିତିରେ ଦର୍ଶକ ମାନଙ୍କୁ ସନ୍ତୁଷ୍ଟ କରାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପରେପରେ ସ୍କିଟ୍ ଓ ମୁକାଭିନୟରେ ଅଂଶ ଗ୍ରହଣ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଝିଲିମା ମହାନ୍ତି ମଂଚ ପରିଚାଳନା କରିଥିଲେ । ଓଡିଶା ନାଟ୍ୟସଙ୍ଘର ପ୍ରାକ୍ତନ ସହ ସଂପାଦକ ତଥା ନିର୍ଦ୍ଦେଶକ ପ୍ରଫୁଲ୍ଲ ସେଠୀଙ୍କ ଧନ୍ୟବାଦ ଅର୍ପଣ ସହ ସଭା ସାଂଗ ହୋଇଥିଲା ।

## ସେବା ସଂକଳ୍ପ ଅଭିଯାନ-୨୦୨୬ ଓ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସୁନ୍ଦରଗଡ଼ରେ 'ଓଡ଼ିଶା ପ୍ରୋମୋ ରନ୍'




ସୁନ୍ଦରଗଡ଼, ୨୭/୯(ନି/.ପ୍ର): 'ସେବା ସଂକଳ୍ପ ଅଭିଯାନ-୨୦୨୬' ଏବଂ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ପକ୍ଷରୁ ସୁନ୍ଦରଗଡ଼ ଠାରେ 'ଓଡ଼ିଶା ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନସାଧାରଣ ଉତ୍ସାହର ସହ ଏହି ଦୌଡ଼ରେ ସାମିଲ ହୋଇଥିଲେ । ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ସମ୍ଭାର, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ସଂସ୍କୃତିକୁ ଦେଶବିଦେଶରେ ପ୍ରଚାର ଓ ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିସହିତ ଯୁବପିଢ଼ି ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୌଡ଼ ଏବଂ ନିୟମିତ ବ୍ୟାୟାମ ପ୍ରତି ଆଗ୍ରହ ବଢ଼ାଇବା ସହ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ଆପଣାଇବାର ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ଅଂଶଗ୍ରହଣକାରୀମାନେ ଓଡ଼ିଶାର ପର୍ଯ୍ୟଟନ ଐତିହ୍ୟ, ପ୍ରାକୃତିକ ସମ୍ପଦ ଓ ସାଂସ୍କୃତିକ ବିବିଧତାର ପ୍ରଚାର ସହ ସୁସ୍ଥ ଜୀବନଶୈଳୀର ପ୍ରସାର ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ । ଏହି 'ଓଡ଼ିଶା ପ୍ରୋମୋ ରନ୍' କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର,ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସାରଙ୍ଗ ଧର ବରିହା, ଅନ୍ୟାନ୍ୟ ଜନପ୍ରତିନିଧି ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରକାଶ ଥାଉକି ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୩ ଡିସେମ୍ବର ୨୦୨୬ରେ ଆୟୋଜିତ ହେବାକୁ ଥିବା 'ପୁରୀ କୋଷ୍ଟାଲ ମାରାଥନ୍-୨୦୨୬'ରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଅଂଶଗ୍ରହଣକାରୀମାନେ ଓଡ଼ିଶାର ପର୍ଯ୍ୟଟନ ଐତିହ୍ୟ, ପ୍ରାକୃତିକ ସମ୍ପଦ ଓ ସାଂସ୍କୃତିକ ବିବିଧତାର ପ୍ରଚାର ସହ ସୁସ୍ଥ ଜୀବନଶୈଳୀର ପ୍ରସାର ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ ।

## ସେଲ୍‌ର ୫୪ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ)ରେ ଅଧିକ ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନରେ ବୃଦ୍ଧି ଏବଂ ଦେଶ ନିର୍ମାଣରେ ପ୍ରମୁଖ ଯୋଗଦାନ ଉପରେ ଗୁରୁତ୍ୱ




ରାଉରକେଲା,୨୭/୯(ନି/ପ୍ର):ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ର ୫୪ତମ ବାର୍ଷିକ ସାଧାରଣ ବୈଠକ (ଏ ଜି ଏମ) ତା ୨୪.୦୯.୨୦୨୬ ରିଖରେ ନୂଆଦିଲ୍ଲୀସ୍ଥିତ ସି.ଏସ.ଓ.ଆଇ ଠାରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି । ସେୟାରହୋଲ୍ଡରମାନଙ୍କୁ ସମ୍ବୋଧିତ କରି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସି.ଏମ.ଡି) ଡକ୍ଟର ଏ.କେ. ପଣ୍ଡା ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କମ୍ପାନୀର ପ୍ରଦର୍ଶନ ଉପସ୍ଥାପନ କରିବା ସହ ଆଗାମୀ ବର୍ଷଗୁଡ଼ିକ ପାଇଁ ଏହାର ରଣନୀତିକ ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ କରିଥିଲେ । ସେଲ୍ ସି.ଏମ.ଡି ଡକ୍ଟର ପଣ୍ଡା ଉଲ୍ଲେଖ କରିଥିଲେ ଯେ, ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ବଜାରର ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜପୂର୍ଣ୍ଣ ବିଶ୍ୱ ଇସ୍ପାତ ପରିବେଶ ସତ୍ତ୍ୱେ, ଭାରତ ବିଶ୍ୱ ଇସ୍ପାତ ଚାହିଦା ବୃଦ୍ଧିରେ ନେତୃତ୍ୱ ନେବା ଜାରି ରଖିଛି ଏବଂ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ପ୍ରମୁଖ ଇସ୍ପାତ ଉତ୍ପାଦକ ଭାବରେ ନିଜର ସ୍ଥାନ ବଜାୟ ରଖିଛି । ସେ କହିଥିଲେ ଯେ,ସେଲ୍ ଦୃଢ଼ ସହନଶୀଳତା ଏବଂ ଅନୁକୂଳତା ପ୍ରଦର୍ଶନ କରିଛି; ସାଂପ୍ରତିକ ପ୍ରଯୁକ୍ତିବିଦ୍ୟା ଉନ୍ନତିକରଣ, ଆର୍ଥିକ ବିଚକ୍ଷଣତା, ଡିଜିଟାଲାଇଜେସନ୍, ମାନବ ସମ୍ବଳ ପଦକ୍ଷେପ ଏବଂ ସ୍ଥିରତା ପ୍ରଚେଷ୍ଟା ଦ୍ୱାରା ନୂତନ ମାନଦଣ୍ଡ ହାସଲ କରିଛି ।ଡକ୍ଟର ପଣ୍ଡା ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ, ଏହି ବର୍ଷ ମଧ୍ୟରେ ସେଲ୍‌ର ପ୍ରଦର୍ଶନ କେବଳ ସର୍ବକାଳୀନ ଶ୍ରେଷ୍ଠ ଅଶୋଧିତ ଇସ୍ପାତ, ପ୍ରସ୍ତୁତ ଇସ୍ପାତ ଏବଂ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ମଧ୍ୟରେ ସୀମିତ ନଥିଲା, ବରଂ ମୂଲ୍ୟ ସୃଷ୍ଟି ପ୍ରତି ମଧ୍ୟ ଦୃଢ଼ ଧ୍ୟାନ କେନ୍ଦ୍ରିତ କରିଥିଲା । କମ୍ପାନୀ ୧୦.୭ ନିୟୁତ ଟନ୍ ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ କରିଛି, ଯାହା ମୋଟ ବିକ୍ରୟଯୋଗ୍ୟ ଇସ୍ପାତର ୫୬% ଏବଂ ଆର୍ଥିକ ବର୍ଷ ୨୦୨୪- ୨୫ ତୁଳନାରେ ୭% ଅଧିକ । ଏହାସହ ଭିତ୍ତିଭୂମି, ଅଟୋମୋବାଇଲ୍, ଶକ୍ତି ଏବଂ ନିର୍ମାଣ କ୍ଷେତ୍ରରେ ୨୮ଟି ନୂତନ ଉତ୍ପାଦ ପ୍ରବର୍ତ୍ତନ କରିଛି - ଯାହା ବିକଶିତ ହେଉଥିବା ଜାତୀୟ ଏବଂ କ୍ଷେତ୍ରଗତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ସେଲ୍‌ର ଦକ୍ଷତାକୁ ଯଥେଷ୍ଟ ସୁଦୃଢ଼ କରିଛି । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି ବର୍ଦ୍ଧିତ ଉତ୍ପାଦ ଦକ୍ଷତା, ଦେଶ ଗଠନରେ ସେଲ୍‌ର ଭୂମିକାକୁ ସିଧାସଳଖ ସୁଦୃଢ଼ କରିଛି । ଆର୍ଥିକ ବର୍ଷ ୨୦୨୫-୨୬ ରେ, କମ୍ପାନୀ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବନ୍ଦେ ଭାରତ ରେଳ ଚକର ପ୍ରଥମ କନ୍‌ସାଇନ୍‌ମେଣ୍ଟ ପଠାଇଥିଲା ଏବଂ ଏହି ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ଭାରତୀୟ ନୌସେନାର ୫ଟି ଜାହାଜ - ଆଇଏନ୍‌ଏସ୍ ଅର୍ନାଲା, ଉଦୟଗିରି, ହିମଗିରି, ଆନ୍ଦ୍ରୋଥ ଏବଂ ଅଞ୍ଜଦୀପ ପାଇଁ ଇସ୍ପାତ ଯୋଗାଇଥିଲା । ଡକ୍ଟର ପଣ୍ଡା ଜାତୀୟ ଇସ୍ପାତ ନୀତି ସହିତ ତାଳମେଳ ରଖି ବିକଶିତ ଭାରତ ୨୦୪୭ ରେ ଯୋଗଦାନ ଦେବା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିଲେ । କମ୍ପାନୀର ଆର୍ଥିକ ପ୍ରଦର୍ଶନ ଉପରେ ଆଲୋକପାତ କରି ଡକ୍ଟର ପଣ୍ଡା କହିଥିଲେ, କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରି, ଆର୍ଥିକ ବର୍ଷ ୨୦୨୫-୨୬ ରେ ସେଲ୍ ନିଜର ସର୍ବକାଳୀନ ସର୍ବାଧିକ ରାଜସ୍ୱ ହାସଲ କରିଛି, ଯାହା ୧,୦୯,୦୦୦ କୋଟି ଟଙ୍କା ରୁ ଅଧିକ ଏବଂ ପୂର୍ବ ବର୍ଷ ତୁଳନାରେ ଅଭିବୃଦ୍ଧି ୮% । ବିଚକ୍ଷଣ ପାଣ୍ଠି ପରିଚାଳନା ମାଧ୍ୟମରେ ଋଣ ପରିମାଣ ୫,୦୦୦ କୋଟି ଟଙ୍କା ରୁ ଅଧିକ ହ୍ରାସ କରାଯାଇଛି । ଅଧିକ ବିକ୍ରୟ ପରିମାଣ, କମ୍ ଇନ୍‌ଭେଣ୍ଟରୀ ଏବଂ ହ୍ରାସ ପାଇଥିବା ଋଣ ସହିତ, କମ୍ପାନୀର ଲାଭଜନକତା ସୁଦୃଢ଼ ହୋଇଛି, ଏବଂ ପି.ବି.ଟି (କର-ପୂର୍ବ ଲାଭ) ଓ ପି.ଏ.ଟି (କର-ପରବର୍ତ୍ତୀ ଲାଭ) ଯଥାକ୍ରମେ ୪୪% ଏବଂ ୫୦.୫% ବୃଦ୍ଧି ପାଇଛି । ବୋର୍ଡ ପ୍ରତି ଇକ୍ୱିଟି ସେୟାର ପିଛା ୨.୩୫ ଟଙ୍କା ର ଅନ୍ତିମ ଲାଭାଂଶ ସୁପାରିଶ କରିଛି । ସ୍ଥିରତା ଉପରେ କମ୍ପାନୀର ଗୁରୁତ୍ୱକୁ ଦୋହରାଇ ସି.ଏମ.ଡି କହି ଥିଲେ ଯେ, ଇସକୋ ଇସ୍ପାତ କାରଖାନା ର ପ୍ରଥମ ୪ ମେଗାୱାଟ୍ ଭାସମାନ ସୌର ପ୍ରକଳ୍ପରୁ ସେଲ୍ ୫.୬୧ ନିୟୁତ ୟୁନିଟ୍ ଗ୍ରୀନ୍ ପାୱାର ଉତ୍ପାଦନ କରିଛି ।

## ସଂଘ ସାହିତ୍ୟ ଚର୍ଚ୍ଚା ଓ ଗୁରୁଜୀଙ୍କ ଜୀବନ ଚର୍ଯ୍ୟା ଆଲୋଚନାଚକ୍ର




ରାଉରକେଲା,୨୭/୯(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲାର ମାଧବ ନଗର ଶାଖା ଓ ରାଉରକେଲା ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ନଗର ଶାଖାର ସଭାପତି ବ୍ରଜେନ୍ଦ୍ର କୁମାର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରର ଶୀର୍ଷକ ଥିଲା ସଂଘ ସାହିତ୍ୟ ଚର୍ଚ୍ଚା ଓ ଗୁରୁଜୀଙ୍କ ଜୀବନ ଚର୍ଯ୍ୟା । ବିଶିଷ୍ଟ ସାହିତ୍ୟିକା ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗଦାର ସମ୍ପାଦକ ବୈଷ୍ଣବ ଚରଣ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମର ଶତପଥି ଯୋଗଦେଇଥିଲେ । ଡ. ଜେନା ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଶ୍ରୀଗୁରୁଜୀ ମାଧବ ସଦାଶିବ ଗୋଲ୍‌ୱାକରଙ୍କ ଜୀବନ ସମ୍ପର୍କିତ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ଶତପଥି ତାଙ୍କ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସୃଷ୍ଟି ଏବଂ ଶାଖାର ପ୍ରଚାର-ପ୍ରସାର ସହ ସାରା ଭାରତ ବର୍ଷ ତଥା ସମଗ୍ର ବିଶ୍ୱକୁ ସଂଘ କିପରି ବ୍ୟାପିଥିଲା ସେ ସମ୍ପର୍କିତ ମତ ଦେବା ସହ ତତ୍କାଳୀନ ସାମଜିକ, ରାଜନୈତିକ , ସଂସ୍କୃତିକ, ଧାର୍ମିକ ଏବଂ ପର୍ଯ୍ୟାବରଣ ସମସ୍ୟାର ସମାଧାନ ପାଇଁ ଶ୍ରୀ ଗୁରୁଜୀଙ୍କ ଅବଦାନ ଉପରେ ଆଲୋକପାତ କରି କହିଥିଲେ । ବିଭାଜନ ସମୟରେ ପଶ୍ଚିମ ପାକିସ୍ଥାନରେ ହିନ୍ଦୁମାନଙ୍କର ସୁରକ୍ଷା, ଭାରତରେ କାଶ୍ମୀରର ମିଶ୍ରଣ, ପାକିସ୍ଥାନ ଓ ଚୀନ ଆକ୍ରମଣ ବେଳେ ସଂଘର ଭୂମିକା ତଥା ଗୋଆ, ଦାମନ ଓ ଡ୍ୟୁଉର ଭାରତରେ ମିଶ୍ରଣରେ ସଂଘର ଅବଦାନ ଏବଂ ଶ୍ରୀ ଗୁରୁଜୀଙ୍କ ଆଦର୍ଶ ସ୍ଥାନୀୟ ନେତୃତ୍ୱ ଭାରତକୁ ସମୃଦ୍ଧ କରିବାରେ ସହାୟକ ହୋଇଛି । 'ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ପଂଚ ପରିବର୍ତ୍ତନ ଓ ପ୍ରତିଜ୍ଞା, ସାମାଜିକ ସମରସତା, ପର୍ଯ୍ୟାବରଣ ସୁରକ୍ଷା, ପରିବାର ପ୍ରବୋଧନ, 'ସ୍ୱ'ର ଜାଗରଣ ଏବଂ ନାଗରିକ କର୍ତବ୍ୟ ଉପରେ ଆଲୋକପାତ ସହ ଶ୍ରୀ ଗୁରୁଜୀ ମାଧବ ସଦାଶିବ ଗୋଲୱାକରଙ୍କ ସଂଘର୍ଷପୂର୍ଣ୍ଣ ପ୍ରେରଣାଦାୟୀ ଜୀବନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ସହ ତାଙ୍କ ଜୀବନ କିପରି ରାଷ୍ଟ୍ର ହିତ ପାଇଁ ଉତ୍ସର୍ଗୀକୃତ ହୋଇଥିଲା ସେ ସଂପର୍କରେ ମତ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ଦେଶାତ୍ମବୋଧକ ଗୀତ ପୁସ୍ତକ ରାଷ୍ଟ୍ର ଝଙ୍କାରର ଗୀତ ଗାନ ତଥା ଆବୃତ୍ତି ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ପର୍ବରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ତ୍ରିଲୋଚନ ସ୍ୱାଇଁ ଓ ସଂଯୋଜକ ଭାବେ ଥିଲେ ଅଧ୍ୟାପକ ପ୍ରୀତମ ସାମଲ ଓ ଅଧ୍ୟାପିକା ଅଳକା ମହାନ୍ତି । ଏଥିରେ ସହଭାଗୀ ଥିଲେ ବିଶିଷ୍ଟ କବି ସୁସ୍ମିତା ମହାପାତ୍ର, ସୁମନ୍ତ ଉପାଧ୍ୟାୟ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ । ଶେଷରେ ଯୁବ କଣ୍ଠଶିଳ୍ପୀ ନ୍ୟାସା ଅଗ୍ରୱାଲ ଅନେକ ଦେଶାତ୍ମବୋଧ ସଙ୍ଗୀତ ଗାନ କରି ମନ ମୋହିଥିଲେ । ଏହି ସଭାରେ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଅଧ୍ୟାପକ କରୁଣାକର ପାଢ଼ଶାଣୀ, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ପଟେଲ, ଆରତୀ ଅଗ୍ରୱାଲ ସମେତ ରାଜଶ୍ରୀ ରାଉତିଆ, ପ୍ରୀତି ଘୁସି, ମଧୁମିତା କୁଜୁର, ବର୍ଷା ବଡାଇକ ପ୍ରମୁଖ ବହୁ ଛାତ୍ର-ଛାତ୍ରୀ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।